## ନାଗେଶ୍ୱରୀ ସୁରକ୍ଷା କମିଟିର ଜରୁରୀ ବୈଠକ

# ପଦାରେ ପଡ଼ିଲା କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତ



**ନନ୍ଦପୁର,୭।୧(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ବାଲଡ଼ା ନାଗେଶ୍ୱରୀ ପାହାଡ଼ ଓ ଗୁମ୍ଫା ସୁରକ୍ଷା ନିମିତ୍ତ ବନ ବିଭାଗ ଦ୍ୱାରା ଗଠିତ ନାଗେଶ୍ୱରୀ ସୁରକ୍ଷା ସମିତିର ଏକ ଜରୁରୀ ବୈଠକ ରବିବାର ଭେଜା ପଥପ୍ରାନ୍ତ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଗତ କିଛି ଦିନ ତଳେ ତରବିରିଆ ଭାବେ କମିଟିର ସଦସ୍ୟ ଅଦଳବଦଳ କରାଯିବା ନେଇ କଥା ପଦାକୁ ଆସିବା ପରେ ପୂର୍ବ ଗଠିତ କମିଟି ପକ୍ଷରୁ ରବିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବ ଗଠିତ କମିଟି ସମସ୍ତ ସଦସ୍ୟ ପଦ ପଦବୀ ସୁରକ୍ଷିତ ରହିବା ସହ ବୈଠକରେ ସମିତିର କାର୍ଯ୍ୟକାଳ ୨ ବର୍ଷ ପୂରଣ ଯାଏଁ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ବୈଠକରେ କମିଟି ନାମରେ କିଛି କୁଚକ୍ର ଗୋଷ୍ଠୀ କରୁଥିବା କୁଚକ୍ରାନ୍ତକୁ କମିଟି ସଦସ୍ୟ ପଦାରେ ପକାଇଥିଲେ।

ସୂଚନା ଥାଉକି, ବ୍ୟକ୍ତିଗତ କାରଣ ଦର୍ଶାଇ ସମିତିର ସଭାପତି ରବୀନ୍ଦ୍ର ପାଙ୍ଗି କିଛିଦିନ ତଳେ ନିଜ ଇସ୍ତଫା ପତ୍ର ଉପସଭାପତି କାର୍ତ୍ତିକ ଖେମୁଣ୍ଡୁଙ୍କୁ ପ୍ରଦାନ କରିଥିଲେ। ଫଳତଃ ଅନ୍ୟ ଏକ ଗୋଷ୍ଠୀ ସକ୍ରିୟହୋଇ ନିଜକୁ ବିଭିନ୍ନ ପଦ ପଦବୀରେ ଥିବା ଘୋଷିତ କରି ସୁରକ୍ଷା ସମିତି ନାମରେ ଅପପ୍ରଚାର କରିବା ଆରମ୍ଭ କରିଥିଲେ। ତେଣୁ ସମସ୍ତ ବିଷୟରେ ବିଚାର କରିବାକୁ ଉପସଭାପତି ଶ୍ରୀ ଖେମୁଣ୍ଡୁ ଓ ସମିତିର ସମ୍ପାଦକ ବାଲଡ଼ା ବନପାଳ ସୁରେନ୍ଦ୍ର ଗୌଡ଼ଙ୍କ ଆବାହକତ୍ୱରେ ଜରୁରୀ ବୈଠକ ଆୟୋଜନ ହୋଇଥିଲା। ବୈଠକରେ ବାଲଡ଼ା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତି ସଭାପତିତ୍ୱ କରିଥିଲେ। ଅତିଥି ଭାବେ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର, ପାଡୁଆ ଥାନାଧିକାରୀ ଅଶୋକ କୁମାର ବିଷୋୟୀ, ନାଗେଶ୍ୱରୀ ପାହାଡ଼ ପାରିପାର୍ଶିକ ୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସମସ୍ତ କାର୍ଯ୍ୟକାରୀ ସଭାପତି, ୨୧ ଖଣ୍ଡ ଗ୍ରାମର ମୁଖିଆ (ନାୟକ) ଉପସ୍ଥିତ ଥିଲେ। ଜଙ୍ଗଲ ବିଭାଗର ବନ ସୁରକ୍ଷା ସମିତି ପାଇଁ ଥିବା ନିୟମ ଆଧାରରେ ସର୍ବସମ୍ମତି କ୍ରମେ ସଭାପତି ରବୀନ୍ଦ୍ର ପାଙ୍ଗିଙ୍କ ଇସ୍ତଫାକୁ ଅଗ୍ରାହ୍ୟ କରି ଦିଆଯାଇଥିଲା। ସେ ସମିତିର କାର୍ଯ୍ୟକାଳ ୨ ବର୍ଷ ସମ୍ପନ୍ନ ହେବା ଯାଏଁ ଦାୟିତ୍ୱ ତୁଲାଇବେ ବୋଲି ସହମତି ପ୍ରଦାନ କରିଥିଲେ। ନିଜ ନିଜ ଭିତରେ ବିବାଦରେ ନ ପଡ଼ି ନାଗେଶ୍ୱରୀ ପାହାଡ଼ ସୁରକ୍ଷା ଆଳରେ ଆଇନକୁ ହାତକୁ ନ ନେବାକୁ ଉପସ୍ଥିତ ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ପରାମର୍ଶ ଦେଇଥିଲେ। ପାହାଡ଼କୁ ଖଣିଖାଦାନ ମାନ୍ୟତା ଦେବା ସମ୍ପର୍କରେ ବୁଝାଇବାକୁ ଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ପାହାଡ଼କୁ ବକ୍ସାଇଟ ଖଣି ଖାଦାନ ଭାବେ ନିଲାମୀ ହୋଇଛି ସତ କିନ୍ତୁ ରାଜ୍ୟ ସରକାର, ଜିଲ୍ଲା ଓ ଖଣି ପ୍ରଶାସନ ତରଫରୁ ଜନଶୁଣାଣି ବିଜ୍ଞପ୍ତି ଜାରି ହୋଇନାହିଁ। ମାତ୍ର ୨୦ ପ୍ରତିଶତ ଟଙ୍କା ଦେଇ ଖଣି ସତ୍ତ୍ୱାଧିକାରୀ ବର୍ତ୍ତମାନ ପାହାଡ଼ରେ ଖଣିର ପରିମାଣ, ପାରିପାର୍ଶ୍ୱିକ ଗ୍ରାମର ଉନ୍ନତି, ଜଙ୍ଗଲ ସୃଷ୍ଟି ନିମନ୍ତେ ଆକଳନ ସର୍ବେକ୍ଷଣ କରୁଛନ୍ତି। ସର୍ବେକ୍ଷଣ ପରେ ଲାଭ କ୍ଷତିର ବିଚାର କରି ସତ୍ତ୍ୱାଧିକାରୀ ନିଲାମିର ୫୦ ପ୍ରତିଶତ ଟଙ୍କା ଡିପୋଜିଟ କରିବେ ଓ ସରକାର ଜନ ଶୁଣାଣି ବିଜ୍ଞପ୍ତି ଜାରି କରିବେ। ପାରିପାର୍ଶ୍ୱିକ ପଞ୍ଚାୟତବାସୀଙ୍କୁ ନେଇ ଜନ ଶୁଣାଣି ହେ। ଗ୍ରାମବାସୀ ସହମତି ଦେଲେ ହିଁ ବାଲଡ଼ା ପାହାଡ଼ ଖଣି ଖାଦାନ ମାନ୍ୟତା ପାଇବ। ତେଣୁ ବ୍ୟସ୍ତ ବିବ୍ରତ ହୋଇ କୌଣସି ଭୁଲ୍ ପଦକ୍ଷେପ ଗ୍ରହଣ ନ କରିବାକୁ ଉପସ୍ଥିତ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

# ଡ. ଦ୍ୱିତୀଚନ୍ଦ୍ର ସାହୁଙ୍କୁ 'ସିନ୍ଧୁଜା ସମ୍ମାନ'




**ରାୟଗଡ଼ା,୭।୧(ସମିସ):** ବିଶିଷ୍ଟ ଲେଖକ ଡ. ଦ୍ୱିତୀ ଚନ୍ଦ୍ର ସାହୁ ପାଇଲେ 'ସିନ୍ଧୁଜା ସମ୍ମାନ'। ଭୁବନେଶ୍ୱରସ୍ଥ ସୂଚନା ଭବନ ପରିସର ଗୀତ ଗୋବିନ୍ଦ ସଦନରେ ଆୟୋଜିତ ମାସିକ ମହିଳା ଓ ପାରିବାରିକ ପତ୍ରିକା ସିନ୍ଧୁଜାର ଦ୍ୱାଦଶ ବାର୍ଷିକ ଉତ୍ସବ ଅବସରରେ ଡ. ସାହୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଛି। ଦୀର୍ଘ ବର୍ଷ ଧରି ନିଷ୍ଠାପର ସାହିତ୍ୟ ସାଧନା ଲାଗି ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିବା ପତ୍ରିକାର ପରିଚାଳନା ନିର୍ଦ୍ଦେଶକ ଡ. ମାଧବ ବେହୁରା କହିଛନ୍ତି। ବିଶିଷ୍ଟ ଲେଖିକା ଡ. ଅର୍ଚ୍ଚନା ନାୟକଙ୍କ ସ୍ୱଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସଂସ୍କୃତି ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ନୃପରାଜ ସାହୁ, ପତ୍ରିକାର ସମ୍ପାଦିକା ଶର୍ମିଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ସାହୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାଙ୍କ ସର୍ବାଙ୍ଗିଣ ବିକାଶ ଲାଗି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ବିଲେଷୁ ଉଚ୍ଚ ବିଦ୍ୟାଳୟରେ ଟିଜିଟି ଶିକ୍ଷକ ଭାବେ କର୍ମରତ ଡ. ସାହୁ ବିଦ୍ୟାଳୟସ୍ତରରେ ନୂତନ ଶୈକ୍ଷିକ ପରୀକ୍ଷଣ କରି ସେ ବେଶ୍ ସଫଳତା ହାସଲ କରିଛନ୍ତି। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ ସହ ସୁସାହିତ୍ୟିକ, ଗୀତିକାର, ମଞ୍ଚ ଅଭିନେତା, ନିର୍ଦ୍ଦେଶକ, କ୍ଷୁଦ୍ର ଚଳଚ୍ଚିତ୍ର ନିର୍ଦ୍ଦେଶକ, ସର୍ବୋପରି ଆଦିବାସୀ ସଂସ୍କୃତି ଗବେଷକ। ସେ ବର୍ତ୍ତମାନ ସୁଦ୍ଧା ୧୭ଟି ପୁସ୍ତକ ରଚନା କରିଥିବାବେଳେ ଜଣେ ପ୍ରସିଦ୍ଧ ସ୍ତମ୍ଭକାର ଓ କଥାକାର ଭାବେ ଓଡ଼ିଆ ସାହିତ୍ୟ ଜଗତରେ ପରିଚିତ। ଏହି ଅବସରରେ ସେଠାରେ ଉପସ୍ଥିତ ଥିବା ପ୍ରଶାସକ ଜଗନ୍ନାଥ ମହାନ୍ତି, ପ୍ରଫେସର ନାକୁ ହାଁସଦା, ଡ. ଅଜୟ ସ୍ୱାଇଁ, ଭୀମ ପୃଷ୍ଟି, କବି ଅଜୟ ସ୍ୱାଇଁ, ଦେବାଶିଷ ସାମନ୍ତରାୟ, ସୁଜାତା ମହାପାତ୍ର, ହରିହର ପଣ୍ଡା, ସୁଷମା ମିଶ୍ର, କୀର୍ତ୍ତି ଚନ୍ଦ୍ର ସାହୁ, ଶିବଶିଷ ପାଢ଼ୀଙ୍କ ସମେତ ରାୟଗଡ଼ା ଜିଲ୍ଲାର ସାହିତ୍ୟିକ ତଥା ବୁଦ୍ଧିଜୀବୀମାନେ ଡ. ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜଗତ ହେଲେ ଜାତୀୟ ଭିନ୍ନକ୍ଷମ ଟ୍ରଷ୍ଟିର ସଭ୍ୟ

**ବାଲିମେଳା,୭।୧(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଚିତାପାରୀ-୩ ପଞ୍ଚାୟତର ବାଲିମେଳା ଛକ ନିବାସୀ ଜଗତ ଜୀବନ ପାତ୍ର ଜାତୀୟ ଭିନ୍ନକ୍ଷମ ଟ୍ରଷ୍ଟର ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଜଗତ କେବେ ବି ନିଜକୁ ଭିନ୍ନକ୍ଷମ ବୋଲି ନ ଭାବି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନିଜର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏଥିସହିତ ଜିଲ୍ଲାର ଦିବ୍ୟାଙ୍ଗ ବ୍ୟକ୍ତିମାନେ ଯେଉଁମାନେ କି ସରକାରୀ ସହାୟତାରୁ ବଞ୍ଚିତ ସେହିପରି ବ୍ୟକ୍ତିମାନଙ୍କ ପାଇଁ ସହଯୋଗର ହାତ ବଢ଼ାଇ ବିଭିନ୍ନ ସମୟରେ ବହୁ ପ୍ରଶଂସା ମଧ୍ୟ ସାଉଁଟିଛନ୍ତି। ଏଥିସହିତ ସେ ଜିଲ୍ଲା ଭିନ୍ନକ୍ଷମ ସଙ୍ଘର ସଭାପତି ଭାବେ ମଧ୍ୟ ନିଜର ଦାୟିତ୍ୱ ତୁଲାଉଛନ୍ତି। ତେବେ ଜଗତଙ୍କର ଦିବ୍ୟାଙ୍ଗମାନଙ୍କ ପ୍ରତି ଥିବା ଉଦାର ମନୋଭାବ ଦେଖି ମାଲକାନଗିରି ଜିଲ୍ଲାପାଳ ବିଶାଲ ସିଂ ତାଙ୍କୁ ଜାତୀୟ ଭିନ୍ନକ୍ଷମ ଟ୍ରଷ୍ଟିର ସଭ୍ୟ ଭାବେ ମନୋନୀତ କରିଛନ୍ତି। ତେବେ ଜଗତ ସଦାସର୍ବଦା ଭିନ୍ନକ୍ଷମମାନଙ୍କ ସେବା କରିବା ସହ ଯେଉଁ ଭିନ୍ନକ୍ଷମ ବ୍ୟକ୍ତିମାନେ ସରକାରୀ ସହାୟତାରୁ ବର୍ତ୍ତମାନ ସୁଦ୍ଧା ବଞ୍ଚିତ ତୁରନ୍ତ ସରକାରୀ ଯୋଜନାଗୁଡ଼ିକରେ ସେମାନଙ୍କୁ ସାମିଲ କରିବେ ବୋଲି ପ୍ରକାଶ କରିଛନ୍ତି।



# ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



**ଜୟପୁର,୭।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସଂଘର ପ୍ରତିଷ୍ଠା ଦିବସ ରବିବାର ସ୍ଥାନୀୟ ଦକ୍ଷିଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ ଯୋଗଦେଇ ସଂଘ ଗଠନର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ନିଜର ମତାମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପି. ହରିଶ ଚନ୍ଦ୍ର ରାଓ, ଗଣେଶ୍ୱର ମିଶ୍ର, ଯୁଗଳ ସାହୁ, ଅଭିମନ୍ୟୁ ତ୍ରିପାଠୀ, ମାଧୁରୀ ପଣ୍ଡା ପ୍ରମୁଖ ନିଜ ମତାମତ ସହିତ ସଂଘକୁ ସୁସଂଗଠିତ ରଖିବା ନେଇ ଭାଷଣ ମାଧ୍ୟମରେ ପରାମର୍ଶ ଦେଇଥିଲେ। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ସୁରେନ୍ଦ୍ରନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପଙ୍କଜ ପାଣିଗ୍ରାହୀ, ଜ୍ୟୋତିରାଣୀ ପଣ୍ଡା, ଚନ୍ଦନା ଦାଶ, ମାମି ପାଢ଼ୀ, କୁକୁମୀନା ଦାଶ, ପ୍ରତିଭା ଷଡ଼ଙ୍ଗୀ, ନୀଳାଞ୍ଚଳ ସାହୁ, ନରସିଂହ ପଣ୍ଡା, ଇନ୍ଦ୍ର ପ୍ରଧାନ, ପର୍ଶୁ ଗଣ୍ଡା, ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିପୁଳ ପରିମାଣର ମଦ ରନ୍ଧା ସାମଗ୍ରୀ ଜବତ; ଜଣେ ଗିରଫ

**କାଶୀପୁର,୭।୧(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ପକ୍ଷରୁ ମୁନୁଷ ଗାଁ ଅନ୍ତର୍ଗତ ରାମଗିରି ଅଞ୍ଚଳରେ ରବିବାର ବେଆଇନ ମଦ ରନ୍ଧା ପାଇଁ ବ୍ୟବହୃତ ସାମଗ୍ରୀ ସହ ବିପୁଳ ମାତ୍ରାରେ ମହୁଲ ଜବତ କରାଯାଇଛି। ଏଥିରେ ଜଣକୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ରବିବାର ସକାଳେ କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକଙ୍କ ନେତୃତ୍ୱରେ ଏକ ଟିମ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ସୀମାନ୍ତରେ ପାଟ୍ରୋଲିଂ ଆରମ୍ଭ କରିଥିଲେ। ଏଥିରେ ରାମଗିରି ଗ୍ରାମରେ ବିପୁଳ ପରିମାଣର ମଦ ପ୍ରସ୍ତୁତ କରି ସୀମାନ୍ତ କଳାହାଣ୍ଡିର ବିଭିନ୍ନ ଗ୍ରାମରେ ବିକ୍ରି କରୁଥିବା ସୂଚନା ପାଇ କାଶୀପୁର ପୁଲିସ ପକ୍ଷରୁ ସମ୍ପୃକ୍ତ ସ୍ଥାନରେ ପହଞ୍ଚି ଆତର୍କିତ ଭାବେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ମଦ ପ୍ରସ୍ତୁତ କରୁଥିବା ସାମଗ୍ରୀ ମଧ୍ୟରୁ ପୁଲିସ ୧୫୦୦ କେଜି ପଚା ଗୁଡ଼ ଓ ପଚା ମହୁଲ ନଷ୍ଟ କରିଥିବାବେଳେ ୧୫୦ ଲିଟର ରନ୍ଧା ମଦ ଓ ଏଥିରେ ବ୍ୟବହୃତ ଅନ୍ୟ ସାମଗ୍ରୀ ସବୁ ଜବତ କରିଛି। ବେଆଇନ ମଦ କାରବାରରେ ସମ୍ପୃକ୍ତ ଗିରଫ ବ୍ୟକ୍ତି ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦଦେଲା ଓଡ଼ିଶା ରାଜସ୍ୱ ଅମଲା ସଂଘ



**ନବରଙ୍ଗପୁର,୭।୧(ସମିସ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ୨୦୧୭ ମସିହାଠାରୁ ବହୁ ପ୍ରତୀକ୍ଷିତ ପୃଥକ୍ ପାହ୍ୟା ଦାବି ରାଜ୍ୟ ସରକାର ପୂରଣ କରିବା ସହିତ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୬୯୮ରେ ୬. ୧. ୨୦୨୪ ପ୍ରକାରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରତ୍ୟେକ ସଦସ୍ୟସଦସ୍ୟାଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ସମଗ୍ର ରାଜ୍ୟର ରାଜସ୍ୱ ଅମଲାମାନେ ଆଜିର ଦିନଟିକୁ ଐତିହାସିକ ଓ ସ୍ମରଣୀୟ ଦିବସ ବୋଲି ବିବେଚନା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଏହାକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜସ୍ୱ ଅମଲା ସଂଘର ମାର୍ଗ ଦର୍ଶକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଲାଲା ମନୋଜ ରାୟ, ରବିନ୍ଦ୍ର ସେଠୀ, ଆଦିତ୍ୟ ମହାପାତ୍ରଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଐତିହାସିକ ମୁହୂର୍ତ୍ତର ଶ୍ରେୟ ଜିଲ୍ଲାସ୍ତରର ପ୍ରତ୍ୟେକ ରାଜସ୍ୱ ଅମଲାମାନଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଦ୍ୱାରା ସମ୍ଭବ ହେଲା ବୋଲି ଓଡ଼ିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ଏବଂ ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ମତ ପ୍ରକାଶ କରିଥିବାବେଳେ ସଂଘର ଅନ୍ୟ ସମସ୍ତ ଦାବି ମଧ୍ୟ ଖୁବଶୀଘ୍ର ରାଜ୍ୟ ସରକାର ପୂରଣ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ସଂଘର ନବରଙ୍ଗପୁର ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତିଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ଥିଲେ।

ଦ୍ୱାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



⁄ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର
ଅବସରପ୍ରାପ୍ତ ସିଡ଼ିଏମ୍‌ଓ
ଆବିର୍ଭାବ: ୧୫-୦୮-୧୯୪୪, ତିରୋଧାନ: ୨୮-୧୨-୨୦୨୩

ବାବା, ବୋଉ ଯିବା ପରେ ତୁମେ ଆମର ସବୁ କିଛି ଥିଲ। ତୁମେ ଥିଲ ମାର୍ଗଦର୍ଶକ। ଶତସିଂହର ବଳ ଓ ପରାକ୍ରମରେ ଆମକୁ ଉଦ୍‌ବୁଦ୍ଧ କରି ଆସୁଥିଲ। କେବଳ ପରିବାରବର୍ଗ ନୁହଁନ୍ତି, ତୁମ ସହକର୍ମୀ ଡାକ୍ତର, ତୁମ ବରିଷ୍ଠ, ଅନୁଜ ଡାକ୍ତରମାନେ ମଧ୍ୟ ତୁମ ଅକାଳ ବିୟୋଗରେ ଖୁବ୍ ମର୍ମାହତ। ପରଲୋକରୁ ସେହି ଅପାଶୋରା ମୁରୁକୁହିଆ ହସ ଓ ସଜଳ ନୟନରେ ଆମପ୍ରତି ସର୍ବଦା ଦୃଷ୍ଟି ରଖିଥାଅ।

-: ଶୋକସନ୍ତପ୍ତ :-
ପୁଅ ଶ୍ରୀନିବାସ(ଗୋପୀ) ବୋହୂ- ପଦ୍ମା, ଝିଅ-ଜ୍ୱାଇଁ: ପଦ୍ମଲତା- ହୃଦାନନ୍ଦ, ଶକୁନ୍ତଳା-ବସନ୍ତ ଏବଂ ସମସ୍ତ ନାତିନାତୁଣୀ -ମୟଙ୍କ, ଅବିନାଶ, ପୂଜା, ରୋଜା, ଟିକୁ ଓ ସାନ୍‌ଭି ତଥା ପରିବାରବର୍ଗ

# ବ୍ଲକ୍‌ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି

**ସେମିଳିଗୁଡ଼ା,୭।୧(ସମିସ)**

ଓଡ଼ିଶା ସରକାରଙ୍କ କୋରାପୁଟ ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ସେମିଳିଗୁଡ଼ା ବ୍ଲକସ୍ତରୀୟ ଆଦିବାସୀ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସେମିଳିଗୁଡ଼ାରେ ପଟାଙ୍ଗି ବିଧାୟକ ପିତମ ପାଢ଼ିଙ୍କ ବାସଭବନରେ ଆୟୋଜିତ ଏହି ବୈଠକରେ ବିଧାୟକ ପିତମ ପାଢ଼ି କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଆସନ୍ତା ୧୧ ତାରିଖରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, କେସିବି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ଝିନ ହିକ୍କା, ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ଜୋନାଲ ସଭାନେତ୍ରୀ ରାୟ ସହ ବହୁ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଧାୟକ ପିତମ ପାଢ଼ି ସୂଚନା ଦେଇଥିଲେ। ଏହି ଅବସରରେ ଏହି ବ୍ଲକର ବିଭିନ୍ନ ପଞ୍ଚାୟତର ଢେମସା ନୃତ୍ୟ ଦଳଙ୍କୁ ଅଭୂଷଣ ଏବଂ ବ୍ଲକର ସଙ୍କୀର୍ତ୍ତନ ମଣ୍ଡଳୀଗୁଡ଼ିକୁ ବାଦ୍ୟଯନ୍ତ୍ର ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ପାଢ଼ି କହିଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କର ମଧ୍ୟରେ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ଜିଲ୍ଲା ସାଧାରଣ ସମ୍ପାଦକ ଅନନ୍ତ ରାମ, ବ୍ଲକ୍ ସଭାପତି ରାମ ଅନ୍ତବିରାୟ, ୧୭ ପଞ୍ଚାୟତର ନେତା ଓ କର୍ମୀ ଯୋଗଦେଇ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି।



# ଭିଏସ୍ ବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ସୌମ୍ୟା ପ୍ରିୟଦର୍ଶିନୀଙ୍କ କୃତିତ୍ୱ




**ସୁନାବେଡ଼ା,୭।୧(ସମିସ):** ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ଭିଏସ୍ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ତଥା ଜୁନିଅର ଏନ୍‌ସିସି ୱିଙ୍ଗର କ୍ୟାଡେଟ ସୌମ୍ୟା ପ୍ରିୟଦର୍ଶିନୀ ଚଳିତ ବର୍ଷ ନୂଆଦିଲ୍ଲୀଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହର ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶା ଜୁନିଅର ୱିଙ୍ଗ ଏନ୍‌ସିସିର ପ୍ରତିନିଧିତ୍ୱ କରିବେ। ଏଥିପାଇଁ ସୌମ୍ୟା ଗତ ବର୍ଷ ମେ' ମାସରେ ରାୟଗଡ଼ାଠାରେ ଅନୁଷ୍ଠିତ ବାର୍ଷିକ ପ୍ରଶିକ୍ଷଣ ଶିବିରରେ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟର ମନୋନୟନ ପାଇଁ ସେ ସେପ୍ଟେମ୍ବର ମାସଠାରୁ ଡିସେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ରାୟଗଡ଼ା ଏବଂ ଭୁବନେଶ୍ୱରଠାରେ ଆୟୋଜିତ ବିଭିନ୍ନ ପ୍ରଶିକ୍ଷଣ ଶିବିରରେ ଲଗାତାର ଅଂଶ ଗ୍ରହଣ କରିବା ପରେ ଶେଷରେ ଉକ୍ତ ଉତ୍ସବରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇ ଭିଏସ୍ ବିଦ୍ୟାଳୟ ଏବଂ ସମଗ୍ର କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସୌମ୍ୟା ପ୍ରିୟଦର୍ଶିନୀଙ୍କ ଏହି କୃତିତ୍ୱ ପାଇଁ ଭିଏସ୍ ବିଦ୍ୟାଳୟର ସମ୍ପାଦକ ତନବିର ଆଲାମ, ଅଧ୍ୟକ୍ଷ ବିକେ ମିଶ୍ର, ଗାର୍ଲ୍ସ ୱିଙ୍ଗ ଏନ୍‌ସିସି ଅଧିକାରୀ ଆରତୀ ରାଣୀ ସାହୁଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅକ୍ଷତ ବଣ୍ଟନ ପାଇଁ ଗୁଣୁପୁର ସହର ଚଳଚଞ୍ଚଳ



**ଗୁଣୁପୁର,୭।୧(ସମିସ):** ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠାକୁ ନେଇ ଅକ୍ଷତ, କର ପତ୍ର ଓ ନବ ନିର୍ମିତ ଶ୍ରୀରାମଙ୍କ ମନ୍ଦିର ତୈଳଚିତ୍ରକୁ ଗୁଣୁପୁର ସହରରେ ଘରେ ଘରେ ପହଞ୍ଚାଇବା ପାଇଁ ଜାନୁଆରୀ ପହିଲାରୁ ଆରମ୍ଭ ହୋଇଛି ଏହି ଅଭିଯାନ। ଏହି ଅବସରରେ ରବିବାର ନିଆରା ଢଙ୍ଗରେ ଗୁଣୁପୁର ସହରର ୱାର୍ଡ ନମ୍ବର ୮ର ସାହିବାସିନ୍ଦାଙ୍କ ପକ୍ଷରୁ ଅକ୍ଷତ ବଣ୍ଟା ଯାଇଥିଲା। ଅକ୍ଷତ ବାଣ୍ଟିବା ସମୟରେ ବ୍ରାହ୍ମଣ ସାହିର ଭୈରବୀ ପ୍ରସାଦ ଦାଶ ଶ୍ରୀରାମଙ୍କ ବେଶ ଧାରଣ କରିଥିବାବେଳେ ଆୟୁଷ ଦାଶ ଲକ୍ଷ୍ମଣ, ଗେମ୍ବାଲି ଦାର୍ବିକା ସୀତା ଏବଂ ବେଲାନା ଦୀପକ ହନୁମାନ ବେଶ ଧାରଣ କରି ଶୋଭାଯାତ୍ରାରେ ଭାଗ ନେଇଥିବାବେଳେ ଗାୟତ୍ରୀ ଶତପଥୀ ଅକ୍ଷତ କଳସ ଧରିଥିଲେ। ୱାର୍ଡ ନମ୍ବର ୮ର ସମସ୍ତ ଆବାଳ ବୃଦ୍ଧବନିତା ଏହି ଶୋଭାଯାତ୍ରାରେ ସାମିଲ ହୋଇ ଅକ୍ଷତ ନିଜ ୱାର୍ଡରେ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମକୁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ, ସୁବାସ ଶତପଥୀ, ନୀଳମାଧବ ପାଢ଼ୀ, ଭରତ ମହାରଣା, ନିଥିନ୍ ପୂଜାରୀ ଆଦି ପରିଚାଳନା କରିଥିଲେ। ସେହିଭଳି ବୃନ୍ଦାବତୀ ନଗର, ମୋତିଲାଲ୍ ନଗର, ବିକ୍ରମପୁର ପୂଜା କମିଟି ପକ୍ଷରୁ ବହୁ ଆଡ଼ମ୍ବର ସହକାରେ ଅକ୍ଷତ ବଣ୍ଟା ଯାଇଥିଲା।

## ଖଣି ଅଧିକାରୀ ପରିଚୟ ଦେଇ ଗାଡ଼ିକୁ ଅଟକାଉଛନ୍ତି ଦଲାଲ୍

# ସାଙ୍ଗସାଥୀଙ୍କୁ ଲଗାଇ ଜରିମାନା ଆଦାୟ କରୁଛନ୍ତି ଅସଲି ଅଧିକାରୀ

**ଗୁଣୁପୁର,୭।୧(ସମିସ)**

ନକଲି ଖଣି ଅଧିକାରୀର ପରିଚୟ ଦେଇ ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ଲଗାଇ ଅସଲି ଖଣି ଅଧିକାରୀମାନେ ବାଲିବୋଝେଇ, ମାଟିବୋଝେଇ ଟ୍ରାକ୍ଟର, ହାଇୱା ଆଦି ଗାଡ଼ିଠାରୁ ଆଦାୟ କରୁଛନ୍ତି ମୋଟା ଅଙ୍କର ଜରିମାନା। ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରରେ ରବିବାର ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉକ୍ତ ନକଲି ଖଣି ଅଧିକାରୀଙ୍କୁ ପଛରେ ରହି ସୁରକ୍ଷା ଦେଉଛନ୍ତି ଅସଲି ଖଣି ଅଧିକାରୀ।

ରବିବାର ସକାଳେ ଜଣେ ଯୁବକ ନିଜକୁ ଖଣି ବିଭାଗରେ କାମ କରୁଥିବା ପରିଚୟ ଦେଇ ବଂଶଧାରା ନଦୀରୁ ଆସୁଥିବା ବାଲିବୋଝେଇ ୪ଟି ଟ୍ରାକ୍ଟରକୁ ବାଇପାସ୍ ରୋଡ୍ ନିକଟରେ ଅଟକ ରଖି ଯାଞ୍ଚ କରିଥିଲେ। ଆବଶ୍ୟକୀୟ କାଗଜପତ୍ର ନ ଥିବାରୁ ଚଢ଼ା ଜରିମାନା ମାଗୁଥିଲେ। କିନ୍ତୁ ସେଠାରେ ଥିବା ଟ୍ରାକ୍ଟର ମାଲିକମାନେ ନକଲି ଖଣି ଅଧିକାରୀ ବୋଲି ଜାଣି ପରିଚୟ ପଚାରିବା ପରେ ସେ ହଡ଼ବଡ଼େଇ ଯାଇ ଅସଲି ଖଣି ଅଧିକାରୀଙ୍କୁ ଡାକ ପକାଇଥିଲେ। ଖବର ନେବାରୁ ଜଣାପଡ଼ିଛି ଯେ, ସମ୍ପୃକ୍ତ ବ୍ୟକ୍ତି ଜଣକ ଅସଲି ଖଣି ଅଧିକାରୀଙ୍କ ସମ୍ପର୍କୀୟ। ଏହାପରେ ଅସଲି ଖଣି ଅଧିକାରୀ ନିଜର ସାଙ୍ଗ ନକଲି ଅଧିକାରୀଙ୍କୁ ସୁରକ୍ଷା ଦେବା ସହ ଟ୍ରାକ୍ଟରଗୁଡ଼ିକଠାରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ନକଲି ଖଣି ଅଧିକାରୀ ସାମ୍ବାଦିକଙ୍କୁ ଦେଖିବା ପରେ ହଡ଼ବଡ଼ ହୋଇ ନିଜ ମୁହଁକୁ ଲୁଚାଇବାକୁ ପଛାଉ ନ ଥିଲେ। ମୁହଁକୁ ଶାଲ୍ ଘୋଡ଼ାଇ ଲୁଚାଇ ରଖୁଥିଲେ। ଏନେଇ ଅସଲି ଖଣି ଅଧିକାରୀଙ୍କୁ ନକଲି ଖଣି ଅଧିକାରୀଙ୍କ ସମ୍ପର୍କରେ ପଚାରିବାରୁ କିଛି ସ୍ପଷ୍ଟ ଉତ୍ତର ନ ରଖି ଉପର ଅଧିକାରୀ ଉତ୍ତର ନ ରଖିବାକୁ କହିଛନ୍ତି ବୋଲି କହି କିଛି ପ୍ରତିକ୍ରିୟା ଦେଇ ନ ଥିଲେ। ଏହାପରେ ନକଲି ଅଧିକାରୀଙ୍କୁ ତାଙ୍କ କାରରେ ବସାଇ ଗୁଣୁପୁର ଥାନା ଯିବାର ଅଛି କହି ଘଟଣାସ୍ଥଳରୁ ଛୁ ମାରିଥିଲେ। ପ୍ରଶ୍ନ ଉଠୁଛି କେଉଁ ଅଧିକାରରେ ଅସଲି ଖଣି ଅଧିକାରୀ ନକଲିଙ୍କୁ ମାଧ୍ୟମ କରି ଜରିମାନା ଆଦାୟ କରୁଛନ୍ତି। ଏହି ଘଟଣା ପରେ ଆଲୋଚନାର ବିଷୟ ପାଲଟିଛି ଯେ, ପୂର୍ବରୁ ଏଭଳି କିଛି ବେଆଇନ୍ ସ୍ଥାନରୁ ଜରିମାନା ଆଦାୟ କରି ଅର୍ଥ ବାଟମାରଣ କରୁଛନ୍ତି ନା ସରକାରଙ୍କ ଖଜଣାକୁ ସରକାରଙ୍କ ଖାତାକୁ ପଠାଉଛନ୍ତି ତାହା ତଦନ୍ତ ସାପେକ୍ଷ।



# ୱାର୍ଡ ସଂସ୍ଥା ପକ୍ଷରୁ ଏଫ୍‌ଏଫ୍‌ଭିଡିପି ପ୍ରକଳ୍ପ ଉଦ୍‌ଘାଟନୀ କର୍ମଶାଳା

**ଲକ୍ଷ୍ମୀପୁର,୭।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପ୍ରାଙ୍ଗଣରେ ୱାର୍ଡ ସଂସ୍ଥା ପକ୍ଷରୁ ଏଫଏଫଭିଡିପି ଉଦ୍‌ଘାଟନୀ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଯାନୀ, ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ବ୍ଲକ୍ ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷ ଆରତୀ କୁଲଦୀପ, ସାଂସଦ ପ୍ରତିନିଧି ପବିତ୍ର ସାଉଁନ୍ତା, ବିଡିଓ ଗୁରେଶ୍ୱର ଭୋଇ, ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ୱାର୍ଡ ସଂସ୍ଥାର ନିର୍ଦ୍ଦେଶିକା ଡ. ରାଇଚେଲ ରାଇକୁମାରୀ ଆଲୋଚନା କରିଥିଲେ। ଏହା ସହିତ ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ୮ଟି ଗ୍ରାମର ପରିବାରର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ନେତୃତ୍ୱର କିପରି ଉନ୍ନତି ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ପ୍ରସଙ୍ଗରେ ମୁଖ୍ୟ ଅତିଥି ନିଜର ମତବ୍ୟକ୍ତ କରି ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏହା ଆଗାମୀ ଦିନରେ ଗ୍ରାମର ପ୍ରତ୍ୟେକ ପରିବାର ପାଇଁ ଏକ ଉନ୍ନତିମୂଳକ ସୁଯୋଗ ବୋଲି କହିଥିଲେ। ନିଜେ ଗ୍ରାମର ଉନ୍ନତି ପାଇଁ ପ୍ରତ୍ୟେକ ସ୍ତରରେ ସହଯୋଗ କରିବେ ବୋଲି ଅଭିଭାଷଣରେ ବକ୍ତବ୍ୟ ରଖିଥିଲେ। ଏହା ସହିତ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବ ଓ ୮ଟି ଗ୍ରାମରୁ ଆସିଥିବା ଉନ୍ନୟନ କମିଟିର ସଦସ୍ୟ ଓ ସଦସ୍ୟାମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ୱାର୍ଡ ସଂସ୍ଥାର କର୍ମଚାରୀମାନଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।




# କୋଷାଗୁମୁଡ଼ାରେ ବୁଲିଲା ଜୟ ଜଗନ୍ନାଥ ଅର୍ପଣ ରଥ



**କୋଷାଗୁମୁଡ଼ା,୭।୧(ସମିସ):** ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ୧୭ ତାରିଖ ଦିନ ଲୋକାର୍ପଣ ହେବ। ଶ୍ରୀଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅର୍ପଣ ରଥ ଶୁଭାରମ୍ଭ କରାଯାଇଛି। କୋଷାଗୁମୁଡ଼ା ବ୍ଲକର ସାଂସଦ ପ୍ରତିନିଧି, ବିଡିଓ ଆଶିଷ ତ୍ରିପାଠୀ, ସମିତିସଭ୍ୟ ଲକ୍ଷ୍ମଣ ପୂଜାରୀ, ବ୍ଲକ ଅଧ୍ୟକ୍ଷ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଡାଳିମ୍ବ ମାଝୀ, ବ୍ଲକ ସେକ୍ସନ ଅଫିସର ସୁରେନ୍ଦ୍ର ମୋହନ ଦାସ, ବିଆରସି କୀର୍ତ୍ତିରଞ୍ଜନ ସାହୁ, ସିପି ଚିନ୍ମୟ ପଟ୍ଟନାୟକ, ଯୋଗାଣ ଅଧିକାରୀ ସୀତାକାନ୍ତ ରାଉତ, ସେକ୍ସନ ଅଫିସର ବାଳକୃଷ୍ଣ ପାଣିଗ୍ରାହୀ, ଜିପିଓ ତ୍ରିଲୋଚନ ଛଞ୍ଚାଣ ପ୍ରମୁଖଙ୍କ ସହ ସମସ୍ତ ପିଇଓ, ସ୍ଥାନୀୟ ଏସ୍‌ଏଚଜି ମହିଳା ସଦସ୍ୟଙ୍କ ଉପସ୍ଥିତିରେ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ରଥ ପରିକ୍ରମା ସମୟରେ ଅଞ୍ଚଳବାସୀ ରଥକୁ ପୂଜାର୍ଚ୍ଚନା କରି ଚାଉଳ ଓ ଗୁଆ ପ୍ରଦାନ କରିଛନ୍ତି।

# ପ୍ରଧାନମନ୍ତ୍ରୀ ଜନମନ ଯୋଜନା କାର୍ଯ୍ୟକ୍ରମ

**କଲ୍ୟାଣସିଂହପୁର,୭।୧(ସମିସ)**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସୁନାଖଣ୍ଡି ଓ ପରସାଲି ପଞ୍ଚାୟତରେ ବସବାସ କରୁଥିବା ଆଦିମ ଜନଜାତିର ଡଙ୍ଗରିଆ କନ୍ଧ ସମ୍ପ୍ରଦାୟଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ଓପିଲିପି ଡିକେଡିଏ ପାର୍ଶାଲିର ଛୋଟ ପ୍ରୟାସ। ସରକାରଙ୍କ ଓପିଲିପି ବା ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ ଜରିଆରେ ବିଗତ ଛଅ ବର୍ଷ ଧରି ବହୁବିଧ ଉନ୍ନତିକରଣ କାର୍ଯ୍ୟକ୍ରମ ଏହିଭିଳ ଦୁର୍ଗମ ଅଞ୍ଚଳରେ କରାଯାଇଛି। ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ରାଇଲିମା ଗ୍ରାମରେ କରାଯାଇଥିବା ସଚେତନ କାର୍ଯ୍ୟକ୍ରମ ଏକ ଜ୍ୱଳନ୍ତ ଉଦାହରଣ। ଏହି କାର୍ଯ୍ୟକ୍ରମରେ ଡିକେଡିଏ ପାର୍ଶାଲିର ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ମାଝୀ, ପ୍ରକଳ୍ପ ପରିଚାଳକ ଫିଲିପ୍ ବାଗ୍, କେସିଙ୍ଗପୁର ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସିନୋ ଦୋଳଗୋବିନ୍ଦ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପ୍ରଥମେ ଦୋଳଗୋବିନ୍ଦ ନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସ୍ୱାଗତ ସଂଗୀତ ଗାନ କରିଥିଲେ। ତାପରେ ଫିଲିପ୍ ବାଗ୍ ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ସମସ୍ତ ଉଦ୍ଦେଶ୍ୟ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ମାଝୀ ସମସ୍ତ ଡଙ୍ଗରିଆ ପିଲାମାନଙ୍କର ପାଠପଢ଼ା, ଜୀବିକାର ଉନ୍ନତିକରଣ, ଇନ୍ଦିରାଆବାସ ନିଜେ ଦାୟିତ୍ୱ ନେଇ ଠିକ୍ ଭାବେ କରିବା ପାଇଁ ବିଶେଷ ବୁଝାଇଥିଲେ। ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଗ୍ରାମବାସୀଙ୍କ ସହଯୋଗ, ପରାମର୍ଶ ଓ ଉଚିତ୍ ତଥ୍ୟ ପ୍ରଦାନ କରିବାକୁ ବୁଝାଇଥିଲେ। ତା' ଛଡ଼ା ଗ୍ରାମ ପରିଦର୍ଶନ କରି ଲୋକମାନଙ୍କ ସହ ଆଲୋଚନା କରି ବିଶେଷ ଅସୁବିଧା ବୁଝିଥିଲେ।

# ମାନସିକ ବିକୃତ ପୁଅର ଉନ୍ମତ୍ତକାଣ୍ଡ; ଟାଙ୍ଗିଆରେ ମାଆକୁ ଆକ୍ରମଣ

**ପଦ୍ମପୁର,୭।୧(ସମିସ):** ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଆଖୁ ସିଂ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମର ରମ୍ଭା ମିଶାଲ ନାମକ ଜଣେ ୫୦ ବର୍ଷୀୟା ବୃଦ୍ଧା ମାଆକୁ ତାଙ୍କ ମାନସିକ ବିକୃତ ପୁଅ ଟାଙ୍ଗିଆରେ ଆକ୍ରମଣ କରିବାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀମାନେ ପଦ୍ମପୁର ମେଡିକାଲକୁ ଆଣିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଆଖୁ ସିଂ ଗ୍ରାମରେ ରହୁଥିବା ରମ୍ଭା ମିଶାଲ ନାମକ ଜଣେ ୫୦ ବର୍ଷୀୟା ବୃଦ୍ଧା ନିଜ ଘର ପିଣ୍ଡାରେ ବସିଥିବାବେଳେ ତାଙ୍କ ମାନସିକ ବିକୃତ ପୁଅ ସନ୍ତୋଷ ମିଶାଲ୍ ପଛପଟୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଆଖପାଖ ଲୋକଙ୍କୁ ବୃଦ୍ଧା ମାଆ ଡାକ ପକାଇବା ଭିତରେ ପୁଅ ମାଆର ମୁଣ୍ଡକୁ ଟାଙ୍ଗିଆରେ ଆକ୍ରମଣ ସହ ଦେହକୁ ଖଣ୍ଡିଆ ଖାବରା କରିଦେଇଛି। ତେବେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗ୍ରାମବାସୀମାନେ ସଙ୍ଗେ ସଙ୍ଗେ ପଦ୍ମପୁର ମେଡିକାଲକୁ ଆଣିଥିବା ସମୟରେ ମୁଣ୍ଡରେ ଗଭୀର ଆଘାତ ସହ ରକ୍ତବାନ୍ତି କରୁଥିବାରୁ ପଦ୍ମପୁର ମେଡିକାଲର ଡାକ୍ତର ଅମରେଶ ଜେନା ସଙ୍ଗେ ସଙ୍ଗେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଖବର ପାଇ ପଦ୍ମପୁର ଥାନା ଆଇଆଇସି ରଞ୍ଜନ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ଅପରାଧୀ ସନ୍ତୋଷ ମିଶାଲଙ୍କୁ ଗିରଫ କରିବା ସହ ବ୍ୟବହୃତ ଟାଙ୍ଗିଆକୁ ମଧ୍ୟ ଜବତ କରିଛନ୍ତି। ତେବେ ଅପରାଧୀ ସନ୍ତୋଷ ମିଶାଲ୍ ଗତ କିଛି ମାସ ତଳେ ପଦ୍ମପୁର ବ୍ଲକ୍ ଅଫିସ ସମ୍ମୁଖରେ ଥିବା ଏକ ୧୦୮ ଆମ୍ବୁଲାନ୍ସକୁ ଟାଙ୍ଗିଆରେ ଭଙ୍ଗାରୁଜା କରିବା ସହ ଉନ୍ମତ୍ତ କାଣ୍ଡ ଭିଆଇବା ଘଟଣାରେ ପୁଲିସ ଗିରଫ କରିବା ସହ ତା'ର ମାନସିକ ବିକୃତ ଥିବାରୁ ତାକୁ କଟକ ବଡ଼ ମେଡିକାଲ ସାଇକାଟ୍ରି ବିଭାଗରେ ଚିକିତ୍ସା କରାଇ ଔଷଧ ଖୁଆଇଥିବା ଆହତ ବୃଦ୍ଧାଙ୍କ ଝିଆରୀ ସ୍ନେହଲତା କୁମାରୀ କହିଛନ୍ତି। କିଛି ଦିନ ହେଲା ମାଆ-ପୁଅ ଘରେ ରହୁଥିବାବେଳେ ଆଜି ପୁଅ ଏଭଳି କାଣ୍ଡ ଭିଆଇବା ଘଟଣା ସମସ୍ତଙ୍କୁ ଚକିତ କରିଛି।



## ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବ

# ଗୋଲାପ ଫୁଲ, ଚକୋଲେଟ୍ ଓ ଟ୍ରଫି ଦେଇ ସମ୍ବର୍ଦ୍ଧନା

**ନବରଙ୍ଗପୁର,୭।୧(ସମିସ):**



ନବରଙ୍ଗପୁର ଜିଲ୍ଲା ପୁଲିସ ପକ୍ଷରୁ ରବିବାର ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପୁଲିସ ପକ୍ଷରୁ ପୁଲିସ ଅଧିକାରୀ, କର୍ମଚାରୀ, ବିଭିନ୍ନ ମୋଟର ସାଇକଲ ସୋ'ରୁମ୍ କର୍ମଚାରୀଙ୍କୁ ନେଇ ନବରଙ୍ଗପୁର ସଦାଶିବ ପାର୍କ ଛକଠାରୁ ନବରଙ୍ଗପୁର ମାଝୀଗୁଡ଼ା ଛକ ପର୍ଯ୍ୟନ୍ତ ଏକ ମୋଟର ସାଇକଲ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସମସ୍ତ ମୋଟର ସାଇକଲ ଆରୋହୀ ହେଲମେଟ ପରିଧାନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ମୋଟର ସାଇକଲ ଶୋଭାଯାତ୍ରା ମାଝୀଗୁଡ଼ା ଛକ ନିକଟରେ ପହଞ୍ଚିବା ପରେ ସେଠାରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତେ ସବୁ ସମୟରେ ମୋଟର ସାଇକଲ ଚଳାଇବା ସମୟରେ ହେଲମେଟ ପିନ୍ଧିବା ପାଇଁ ଅନୁରୋଧ କରିଥିଲେ। ହେଲମେଟ ପିନ୍ଧି ତାର ବେଲ୍ଟ ନିଶ୍ଚିତ ଭାବରେ ଲଗାଇବେ ଏବଂ ଯେତେବେଳେ ଚାରି ଚକିଆ ଯାନ କିମ୍ବା ଭାରିଯାନ ଚଳାଉଛନ୍ତି ତାହେଲେ ନିଜେ ଓ ପଛରେ ଏବଂ ଆଗ ସିଟ୍‌ରେ ବସିଥିବା ସମସ୍ତେ ବେଲ୍ଟ ବ୍ୟବହାର କରନ୍ତୁ। ଆଉ ଯେ କୌଣସି ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତୁ ନାହିଁ। ଯଦି କିଛି ଜରୁରୀ ଥାଏ ରାସ୍ତା କଡ଼ରେ ଗାଡ଼ି ରଖି ମୋବାଇଲରେ କଥାବାର୍ତ୍ତା ହୁଅନ୍ତୁ ବୋଲି ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା କହିଥିଲେ। ଏହି ଅବସରରେ ରାସ୍ତା ଦେଇ ଯାଉଥିବା ସମସ୍ତ ମୋଟର ସାଇକଲ ଆରୋହୀଙ୍କୁ ଗୋଲାପ ଫୁଲ, ଚକୋଲେଟ ବକ୍ସ ସହ ଗୋଟିଏ ହେଲମେଟ ପ୍ରଦାନ କରାଯାଇଥିଲା। ଯେଉଁ ଆରୋହୀ ହେଲମେଟ ପିନ୍ଧି ମୋଟର ସାଇକଲ ଚଳାଉଛନ୍ତି ବା ବେଲଟ ଲଗେଇ ଗାଡ଼ି ଚଳାଉଛନ୍ତି ସେମାନଙ୍କୁ ଅଟକାଇ ଜିଲ୍ଲା ପୁଲିସ ପକ୍ଷରୁ ଏକ ଗୋଲାପ ଫୁଲ, ଚକୋଲେଟ୍ ବକ୍ସ ଏବଂ ଏକ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପଟ୍ଟନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବି.କେ ମିଶ୍ର ମଞ୍ଚାସୀନ ରହିଥିବାବେଳେ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଉତ୍ରା, ଆରଆଇ ଅଜୟ କୁମାର ଏକା, ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ଏସ୍‌ଆଇ ଦେବାଶିଷ ସାହୁ, ଅଶୋକ କୁମାର ଦେଓ, ଅନୀଲ କୁମାର ପୃଷ୍ଟି ପ୍ରମୁଖଙ୍କ ସମେତ ବହୁ ପୁଲିସ ଅଧିକାରୀ, ପୁଲିସ କର୍ମଚାରୀ ଏବଂ ସମସ୍ତ ମୋଟର ସାଇକଲ ସୋ'ରୁମ୍ କର୍ମଚାରୀ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିବାବେଳେ ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନାବେଡ଼ା ଓ ସେମିଳିଗୁଡ଼ା ଟିପ୍ପର ମାଲିକ ସଂଘର ନୂତନ କର୍ମକର୍ତ୍ତା



**ସେମିଳିଗୁଡ଼ା,୭।୧(ସମିସ):** କୋରାପୁଟ ଜିଲ୍ଲାର ସୁନାବେଡ଼ା ଓ ସେମିଳିଗୁଡ଼ା ଟିପର ମାଲିକ ସଂଘ ପକ୍ଷରୁ ଶନିବାର ରାତିରେ ଏକ ସାଧାରଣ ପରିଷଦ ବୈଠକ ଦାମନଯୋଡ଼ା ଛକ ପେଟ୍ରୋଲ ପମ୍ପ ନିକଟସ୍ଥ ଆର୍‌ବି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତ୍ରିପତୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂଘର ବିଭିନ୍ନ ସମାସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସଂଘକୁ ସୁଦୃଢ଼ କରି ସଂଘର ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିବ ସେନେଇ ରଣକୌଶଳ ଆରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଏଥିରେ ସଭାପତି ଭାବେ ଶଶଧର ରାଉତ, କାର୍ଯ୍ୟକାରୀ ସଭାପତି ତ୍ରିପତୀ ପାଣିଗ୍ରାହୀ, ଉପସଭାପତି ସରୋଜ କୁମାର ପାତ୍ର, ସାଧାରଣ ସମ୍ପାଦକ ସଞ୍ଜୟ କଣ୍ଟା, ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ସୁନିଲ କୁମାର ବିଶ୍ୱାଳ ପ୍ରମୁଖ ନିର୍ବାଚିତ ହୋଇଥିବାବେଳେ ଉପଦେଷ୍ଟା ଭାବେ ଗୌରାଙ୍ଗ ରଥ, ଆନନ୍ଦ ପାଟଓନିଆଓ, ଅମର ଭରଦ୍ୱାଜ ମନୋନୀତ ହୋଇଥିଲେ। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଗୋବର୍ଦ୍ଧନ ସାହୁ, ବିଶ୍ୱଜିତ ପାଢ଼ୀ, ଶେଖମୁସ୍ତାଫିଜ, ନିହାର ରୟ, ଏମ୍ ଡି ଏଜାଜ ପଟେଲ, ବିଚିତ୍ରାନନ୍ଦ ପରିଡ଼ା, ଡମ୍ବରୁଧର ମିସିଙ୍ଗ ପ୍ରମୁଖଙ୍କୁ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତା ଆଗାମୀ ଦିନରେ ସଂଘକୁ ସୁଦୃଢ଼ କରିବା ସହ ସୁପରିଚାଳନା କରିବାକୁ ଶପଥ ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି।

# ଆଇନ ଅନୁସାରେ ବିବାହ ବନ୍ଧନରେ ବାନ୍ଧିହେଲେ ଦମ୍ପତି



ସେମିଳିଗୁଡ଼ା, ୭।୧(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଲୁଙ୍ଗୁରି ଗ୍ରାମ ନିବାସୀ ବୈଦେହୀ ପାଳି ଓ ଧନପତି ଡୁମାରି ଆଇନ ଅନୁଯାୟୀ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସେମାନେ ସ୍ଥାନୀୟ ତହସିଲ ଅଫିସଠାରେ ନିଜ ବିବାହକୁ ପଞ୍ଜିକୃତ କରି ଅଞ୍ଚଳବାସୀ ଏବଂ ସମାଜରେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ନିଜ ମଧ୍ୟରେ ଥିବା ଅବୁଝାମଣାକୁ ଦୂର କରିବା ନିମନ୍ତେ ସେମାନେ କୋରାପୁଟଠାରେ ଥିବା ସିଏସଏନଆର କାର୍ଯ୍ୟାଳୟର ସହାୟତା ନେଇଥିଲେ। ସିଏସଏନଆର ସଂଯୋଜକ ତଥା ଓକିଲ ଅଜୟ କୁମାର ଖୋସ୍ଲା, ଏସଏଫସି କୋ-ଅର୍ଡିନେଟର ସାଦେବ ବାଘ ତଥା ଜୟପୁର ମହିଳା ଥାନା ଆଇଆଇସିଙ୍କ ପରାମର୍ଶ କ୍ରମେ ଓକିଲ ସରୋଜ ପଣ୍ଡାଙ୍କ ସହାୟତାରେ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀ ଦିଲ୍ଲୀପ ଖରା, ସାମ୍ବାଦିକ ଶ୍ୟାମ ଖିଲ ଏବଂ ରୂପକ ପଡାଲଙ୍କ ଉପସ୍ଥିତିରେ ତହସିଲଦାର ତଥା ମାଜିଷ୍ଟ୍ରେଟ ଦେବବ୍ରତ କରାଟିଙ୍କ ଦ୍ୱାରା ଉକ୍ତ ଆଇନଗତ ବିବାହ ସମ୍ପନ୍ନ ହୋଇଛି। ବୈଦେହୀ ପାଳି ଓ ଧନପତି ଡୁମାରିଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ତଥା କୋରାପୁଟ ଜିଲ୍ଲାରେ ସିଏସଏନଆର ଦ୍ୱାରା ଚାଲିଥିବା 'ଏକ୍ସେସେ ଟୁ ଜଷ୍ଟିସ ଏଣ୍ଡ ୱେଲଫେର ସର୍ଭିସ' କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

# ମଙ୍ଗଳବାର ଲକ୍ଷ୍ମୀପୁର ଆସିବେ '୫-ଟି' ଅଧ୍ୟକ୍ଷ

**କୋରାପୁଟ/ଲକ୍ଷ୍ମୀପୁର, ୭।୧(ସମିସ)**

## ■ ଅଭିଯୋଗ ଶୁଣାଣି ସମାବେଶରେ ଯୋଗଦେବେ
## ■ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେବାକୁ ଆସିବେ ୪ ବ୍ଲକର ୨୦ ହଜାର ଲୋକ

ମଙ୍ଗଳବାର '୫-ଟି' ତଥା 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଲକ୍ଷ୍ମୀପୁର ଗସ୍ତରେ ଆସୁଥିବାବେଳେ ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ସ୍ଥାନୀୟ ବିଧାୟକ ପ୍ରଭୁ ଜାନି ଓ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକାଙ୍କ ନେତୃତ୍ୱରେ ପ୍ରସ୍ତୁତି ଜାରି ରହିଛି। ସେହିପରି ଜିଲ୍ଲାପାଳ ଅବଦ୍ଦଲ ଏମ୍ ଅଖତର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟ ନାରାୟଣ ଖୁରା, ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇ, ଏସ୍‌ଡିପିଓ ବିରଞ୍ଚି ନାରାୟଣ ଜଗତ, ଥାନା ଅଧିକାରୀ ସୁଜ୍ଞାନୀ ସାହୁ ପ୍ରମୁଖ ବିଏସଏଫ ହେଲିପ୍ୟାଡ୍ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲକ୍ଷ୍ମୀପୁର ମିନି ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ସମାବେଶରେ ଶ୍ରୀ ପାଣ୍ଡିଆନ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟ ପକ୍ଷରେ କିଛି ମାସ ପୁର୍ବରୁ '୫-ଟି' ଅଧ୍ୟକ୍ଷ କୋରାପୁଟ ଜିଲ୍ଲା ଗସ୍ତରେ ଆସି ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶମନ୍ତପୁର, ଲକ୍ଷ୍ମୀପୁର, ନାରାୟଣପାଟଣା ଏବଂ ବନ୍ଧୁଗାଁ ବ୍ଲକର ବିଭିନ୍ନ ସମସ୍ୟା ବିଷୟରେ ବିବରଣୀ ସଂଗ୍ରହ କରି ସେଗୁଡ଼ିକର ଯଥାଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଅନେକ ଦାବି ପୂରଣ ହୋଇଥିବାରୁ ଉକ୍ତ ବ୍ଲକଗୁଡ଼ିକରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେବାକୁ ସମବେତ ହେଉଥିବା ଜଣାପଡ଼ିଛି।

ସୂଚନା ଥାଉକି, ଗତ ୬ ମାସ ମଧ୍ୟରେ କାର୍ତ୍ତିକ ପାଣ୍ଡିଆନ କୋରାପୁଟ ଜିଲ୍ଲାକୁ ଏକାଧିକବାର ଗସ୍ତ କରି ଲୋକଙ୍କ ସମସ୍ୟା ଶୁଣି ସେଗୁଡ଼ିକ ଦୂର କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ତଦନୁଯାୟୀ, ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁରାନ ଡ୍ୟାମ ଉପରେ ୪୦ କୋଟି ଟଙ୍କା ବ୍ୟୟରେ ପୋଲ, ଦଶମନ୍ତପୁରରେ ୨୭୧ କୋଟି ଟଙ୍କାର ବୃହତ୍ତ ପାନୀୟଜଳ ପ୍ରକଳ୍ପ, '୫-ଟି' ଯୋଜନାରେ ୫୦ ଲକ୍ଷ ଟଙ୍କାରେ ଦଶମନ୍ତପୁର କଲେଜ ରୂପାନ୍ତରଣ କାର୍ଯ୍ୟ, ମାଛପୁଟ ଓ ପୋଡ଼ାଗଡ଼ ମଙ୍ଗଳ ବିଭାଗ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଖୋଲାଯିବାକୁ ଅନୁମୋଦନ ମିଳିଥିବାବେଳେ ଲକ୍ଷ୍ମୀପୁର ବ୍ଲକରେ ସାଙ୍ଗାନା ଉଚ୍ଚ ବିଦ୍ୟାଳୟ ରୂପାନ୍ତର, ମାତୃ ଓ ଶିଶୁ ହସ୍ପିଟାଲ ସ୍ଥାପନ, କାକିରିଗୁମ୍ମାରେ ଯୁକ୍ତ ୨ କଲେଜ ଶୁଭାରମ୍ଭ ହୋଇଛି। ସେହିପରି ନାରାୟଣପାଟଣାରେ ଜଗନ୍ନାଥ ମନ୍ଦିର ପୁନରୁଥାନ ପାଇଁ ୪ କୋଟି ଟଙ୍କା ଅନୁଦାନ ଦିଆଯାଇଥିବାବେଳେ ପାନୀୟଜଳ ପ୍ରକଳ୍ପ ପାଇଁ ୧୦୫ କୋଟି, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ଦୁଇଟି ଡିଗ୍ରୀ କଲେଜ ଓ ଚାଷୀଙ୍କ ଜମିରେ ଜଳ ସେଚନ ବ୍ୟବସ୍ଥା କରିବାକୁ ଝଞ୍ଜାବତି ନଦୀର ଚିନ୍ତାଲଗୁଡ଼ାରେ ୧୮୪ କୋଟି ଟଙ୍କାର ଡ୍ୟାମ, ବୈଶ୍ୟ ସଂଘ କଲ୍ୟାଣ ମଣ୍ଡପ ପାଇଁ ମଧ୍ୟ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ଏହା ବ୍ୟତୀତ ଲକ୍ଷ୍ମୀପୁର କୋଡ଼ିଙ୍ଗାମାଳି ଖଣିରୁ ଉତ୍ତୋଳନ କରାଯାଇ ବିଶୋଧନ ନିମନ୍ତେ ଅନ୍ୟତ୍ର ପଠାଯାଉଥିବା ବକ୍ସାଇଟରୁ ଆଲୁମିନା ଉତ୍ପାଦନ ନିମନ୍ତେ ସ୍ଥାନୀୟ ଅଞ୍ଚଳରେ କାରଖାନା ପ୍ରତିଷ୍ଠା କରିବାକୁ ଦୀର୍ଘ ବର୍ଷରୁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ। ଜନସାଧାରଣଙ୍କ ଦାବିକୁ ସମ୍ମାନ ଜଣାଇ ରାଜ୍ୟ ସରକାର କିଛି ଦିନ ପୂର୍ବରୁ କୋରାପୁଟ, ରାୟଗଡ଼ା ଜିଲ୍ଲା ସୀମା କଂଶାରିଗୁଡ଼ାରେ ଆଲୁମିନା ପ୍ରକଳ୍ପ ପାଇଁ ଏମଓୟୁ କରିବା ଲକ୍ଷ୍ମୀପୁର ଅଞ୍ଚଳବାସୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କ ସବୁଠାରୁ ବଡ଼ ଉପହାର ବୋଲି ଲୋକେ ଗ୍ରହଣ କରିଛନ୍ତି।



# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଚାରରେ 'ଜୟ ଜଗନ୍ନାଥ' ଅର୍ପଣ ରଥ



**ସୁନାବେଡ଼ା, ୭।୧(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ା-୧ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉପଲକ୍ଷେ ଅର୍ପଣ ରଥର ଶୁଭାରମ୍ଭ ଶନିବାର ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ନଗରପାଳ ଡ. ରାଜେନ୍ଦ୍ର କୁମାର ପାତ୍ର, ଉପନଗରପାଳ ରତ୍ନକଣ୍ଟା, ନିର୍ବାହୀ ଅଧିକାରୀ ନାରାୟଣ ନାୟକ ଏବଂ ସମସ୍ତ ପାରିଷଦ ଉପସ୍ଥିତ ଥିଲେ। ଏହି ରଥ ସୁନାବେଡ଼ା ପୌରାଞ୍ଚଳର ସମସ୍ତ ୱାର୍ଡ ପରିକ୍ରମା କରି ପ୍ରତ୍ୟେକ ଘରୁ ଅରୁଆ ଚାଉଳ ଏବଂ ଗୁଆ ସଂଗ୍ରହ କରି ଉକ୍ତ ସାମଗ୍ରୀକୁ ପୁରୀ ଶ୍ରୀମନ୍ଦିରକୁ ପଠାଯିବ। ଏହି ଅର୍ପଣ ରଥ ବିଭିନ୍ନ ୱାର୍ଡରେ ପରିକ୍ରମା କରିବା ସମୟରେ ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ପାରିଷଦ ବୃନ୍ଦ, ଲକ୍ଷ୍ମୀଧର ମହାପାତ୍ର ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଙ୍ଗିଲା ଦଶହରା ପଡ଼ିଆର ଫାଟକ ପଟିକ

**ଜୟପୁର, ୭।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଦଶହରା ପଡ଼ିଆ ଷ୍ଟାଡିୟମର ବ୍ଲକ କାର୍ଯ୍ୟାଳୟ ରାସ୍ତାରେ ରହିଥିବା ୩ ନମ୍ବର ଫାଟକର ଉପର ପଟିକ ଭାଙ୍ଗିଯାଇଛି। ଗତ କିଛି ମାସ ପୂର୍ବରୁ ପୌରସଂସ୍ଥା ପକ୍ଷରୁ ଏହାର ନିର୍ମାଣ ହୋଇଥିବାବେଳେ ଏହି ଫାଟକର ପଟିକ ଅଳ୍ପ ଦିନରେ ଭାଙ୍ଗିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦଶହରା ପଡ଼ିଆଠାରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କୃଷି ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀ ମେଳାର ଷ୍ଟେଜ, ଷ୍ଟଲ, ସଭାକାର୍ଯ୍ୟ ଆୟୋଜନ ହେବାକୁ ଥିବା ତମ୍ବୁ ଏବଂ ଚାନ୍ଦୁଆ ଲଗାଇବା ଦାୟିତ୍ୱ ଜିଲ୍ଲା ବାହାରର ଇଭେଣ୍ଟ ପରିଚାଳନା ସଂସ୍ଥାକୁ ଦିଆଯାଇଥିଲା। ଉକ୍ତ ପରିଚାଳନା ସଂସ୍ଥା ପକ୍ଷରୁ ଏଠାରେ ଏହି ମେଳା ଆୟୋଜନ ପରେ କାର୍ଯ୍ୟକ୍ରମ ସଭାସ୍ଥଳର ଅସ୍ଥାୟୀ ସାମଗ୍ରୀ ଖୋଲି ନିଆଯାଇଥିଲା। ଏହି ସାମଗ୍ରୀ ଟ୍ରକରେ ବୋଝେଇ କରି ନିଆଯାଉଥିବାବେଳେ ଦଶହରା ପଡ଼ିଆ ତଥା ଷ୍ଟାଡିୟମର ୩ ନମ୍ବର ଫାଟକର ନବ ନିର୍ମିତ ପଟିକକୁ କୌଣସି ସାମଗ୍ରୀ ବାଜି ତାହା ଭାଙ୍ଗିଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିବା ସହ ସମ୍ପୃକ୍ତ ଇଭେଣ୍ଟ ପରିଚାଳନା ସଂସ୍ଥାଠାରୁ କ୍ଷତିପୂରଣ ଟଙ୍କା ଆଦାୟ କରାଯାଇ ତୁରନ୍ତ ଏହାର ନିର୍ମାଣ କରାଯିବାକୁ ଦାବି କରିଛନ୍ତି। ଏନେଇ ଜୟପୁର ନିର୍ମାଣକାରୀ ସଂସ୍ଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଅବଗତ କରାଯିବା ପରେ ଏହାର ମରାମତି କରାଯିବ ବୋଲି ସେ କହିଛନ୍ତି। ଏନେଇ ପ୍ରଶାସନିକ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

# ଆଜି ଜୟପୁରରେ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ



**ଜୟପୁର, ୭।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ସୋମବାରଠାରୁ ଶୁଭାରମ୍ଭ ହେବ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ସହରର ୨୮ଟି ୱାର୍ଡରେ ଏହି ରଥ ପରିକ୍ରମା କରିବ। ଏନେଇ ରବିବାର ସ୍ଥାନୀୟ ପୌରସଂସ୍ଥା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଟାଉନ ହଲଠାରେ ଅନୁଷ୍ଠିତ ହୋଇଥିଲା। ସୋମବାର ପୂର୍ବାହ୍ନ ୯ଟାରୁ ଜୟପୁର ଜଗନ୍ନାଥ ମନ୍ଦିରରୁ ଜଗନ୍ନାଥ ରଥର ଶୁଭାରମ୍ଭ ହେବ। ସୋମବାର ଉଦ୍‌ଘାଟନୀ ପରେ ଜୟ ଜଗନ୍ନାଥ ରଥ ଜୟପୁର ପୌରସଂସ୍ଥାର ୨୫, ୨୬, ୨୭, ୨୮ ନମ୍ବର ୱାର୍ଡ ଏବଂ ସହରର ମୁଖ୍ୟରାସ୍ତା ପରିକ୍ରମା କରିବ। ୯ ତାରିଖରେ ୧୧, ୧୨, ୧୩, ୧୪,୧୫ ନମ୍ବର ୱାର୍ଡ, ୧୦ରେ ୨୨, ୨୩, ୨୪ ନମ୍ବର ୱାର୍ଡ, ୧୧ରେ ୧୬, ୧୭, ୧୮,୧୯ ନମ୍ବର ୱାର୍ଡ, ୧୨ରେ ୧, ୨, ୩ ନମ୍ବର ୱାର୍ଡ, ୧୩ରେ ୮, ୯, ୧୦, ୨୦, ୨୧ ଏବଂ ୧୪ରେ ୪, ୫, ୬, ୭ ନମ୍ବର ୱାର୍ଡକୁ ପ୍ରତ୍ୟେକ ଦିନ ସକାଳ ୯ଟାରୁ ପୌର କାର୍ଯ୍ୟାଳୟରୁ ବାହାରି ଘରକୁ ଘର ଯାଇ ସଂଗୃହିତ ଚାଉଳ ଓ ଗୁଆକୁ ସଂଗ୍ରହ କରିବ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷା ବି. ସୁନିତା, ପୂର୍ବତନ କୋରାପୁଟ କେନ୍ଦ୍ରୀୟ ବ୍ୟାଙ୍କ ଅଧ୍ୟକ୍ଷା ଡ. ଇନ୍ଦିରା ନନ୍ଦ, ପୌର କନିଷ୍ଠ ଯନ୍ତ୍ରୀ ଆଚାର୍ଯ୍ୟ, ମୁଖ୍ୟ କିରାଣି ଗୋପାଳ ସାହୁ ମଞ୍ଚାସୀନ ଥିଲେ।

# ଡ୍ରାଇଭରଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା



ବୋରିଗୁମ୍ମା, ୭।୧(ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ଆସିକା ଡ଼ଉଗାଁ ପେଟ୍ରୋଲ ପମ୍ପ ପାଖରେ ଭୁବନେଶ୍ୱର୍ - ମାଲକାନଗିରି ଯାତ୍ରୀବାହୀ ବସ୍ ଦିଲଖୁସ ଏବଂ ଆସିକା ଆଡ଼କୁ ଯାଉଥିବା ହ୍ୱାଇଟ୍ ହର୍ସ ନାମକ ଯାତ୍ରୀବାହୀ ବସ୍ ମଧ୍ୟରେ ହୋଇଥିବା ମୁହାଁମୁହିଁ ଧକ୍କାରେ ଘଟଣାସ୍ଥଳରେ ହିଁ ଦିଲଖୁସ ବସର ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା। ମୃତ ଡ୍ରାଇଭର ବୋରିଗୁମ୍ମା ବ୍ଲକ କୁମୁଲି ଗ୍ରାମର ବାଳକୃଷ୍ଣ ଗୌଡ଼ ହୋଇଥିବାବେଳେ ତାଙ୍କ ବିୟୋଗରେ ସମଗ୍ର କୋରାପୁଟ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବୋରିଗୁମ୍ମା ବ୍ଲକ କୁମୁଲିଠାରେ କୋରାପୁଟ ଜିଲ୍ଲା ଘରୋଇ ବସ୍ କର୍ମଚାରୀ ସଂଘ ଏବଂ କୁମୁଲି ଅଞ୍ଚଳର ଡ୍ରାଇଭର ସଂଘ ତରଫରୁ ମହମବତି ଶୋଭାଯାତ୍ରା ସହିତ ଶୋକସଭା ଆୟୋଜିତ ହୋଇଛି। ଏହି ଶୋଭାଯାତ୍ରା ସ୍ଥାନୀୟ ଲଛମନ ବାଲାଜୀ ମନ୍ଦିର ପ୍ରାଙ୍ଗଣରୁ ବାହାରି ଦୁର୍ଗା ମଣ୍ଡପରେ ପହଞ୍ଚିବା ପରେ ସେଠାରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଶୋକସଭାରେ କୋରାପୁଟ ଜିଲ୍ଲା ସଭାପତି ସୁଶାନ୍ତ ଅଧିକାରୀ, ସମ୍ପାଦକ ରାଜୀବ ଟାକ୍ରି, ସହସମ୍ପାଦକ ରମେଶ ପତ୍ର, ରାମନାଥ ଲାଲ, ଗୋବିନ୍ଦ ସୁନା, ଗୋପାଳ ଷଡ଼ଙ୍ଗୀ, ରବୀନ୍ଦ୍ର ନାୟକ, ବାବୁ ଖିଲ, ଶଙ୍କର ସାହୁ, ସୀମାଞ୍ଚଳ ଦାସ, ବୁଦ୍ଧୁ ହେନ୍ତାଳ, ଜି. ସୁରେଶ, ଶଙ୍କର ବେନିଆ, ମନୋଜ ବାଗ, ଶ୍ରୀନୁ ନାୟକ, ଶିବରାମ ବେହେରା, ପିଙ୍କୁ ଖୋସଲା, ଗୌରାଙ୍ଗ ସେଠୀ, ତ୍ରିପତୀ ତ୍ରିପାଠୀ, ସୁରେଶ ଗୌଡ଼, ମକର ପାଇକ, ସୁଶାନ୍ତ ଗୌଡ଼, ଚନ୍ଦନ ସାହୁ, ତ୍ରିପତୀ ବେହେରା, ଗଣେଶ ପାଇକ, ଲୋକନାଥ ଦଳପତି, ଭୁବନ ଗୌଡ଼ଙ୍କ ସମେତ କୁମୁଲି ଅଞ୍ଚଳର ଶତାଧିକ ଡ୍ରାଇଭର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କୋରାପୁଟ ଜିଲ୍ଲା ବସ୍ କର୍ମଚାରୀ ସଂଘ ତରଫରୁ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି କରିଛନ୍ତି।

# ଅର୍ପଣ ରଥ ଲକ୍ଷ୍ମୀପୁର ଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ

ଲକ୍ଷ୍ମୀପୁର, ୭।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଶନିବାର ରାତିରେ ଜଗନ୍ନାଥ ପରିକ୍ରମା ରଥ ଶୁଭାରମ୍ଭ କରାଯାଇଥିଲା। ଲକ୍ଷ୍ମୀପୁର ସ୍ଥିତ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି ପ୍ରତି ଗାଁ ବୁଲିବା ନେଇ ଜଣାପଡ଼ିଛି। ଏହି ପରିକ୍ରମା ରଥ ୧୩ ତାରିଖ ପର୍ଯ୍ୟନ୍ତ ବୁଲିବା ନେଇ ସୂଚନା ମିଳିଛି। ଏହି ସମୟରେ ବିଧାୟକ ପ୍ରଭୁ ଜାନୀ, ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ବିଡିଓ ଗୁରେଶ୍ୱର ଭୋଇ ଓ ଅନ୍ୟ ସମସ୍ତେ ଉପସ୍ଥିତ ଥିଲେ।

# ଗଡ଼ିଲା 'ବିଏସକେୱାଇ-ନବୀନ କାର୍ଡ' ସଚେତନତା ରଥ

**କୋରାପୁଟ, ୭।୧(ସମିସ):** ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ 'ବିଏସକେୱାଇ-ନବୀନ କାର୍ଡ' ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ କୁମାର ପାଢ଼ୀ, ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶୁଭକାନ୍ତ ଗନ୍ତାୟତ, ଏଡିପିଏଚସିଓ ଶୁଭ ନାରାୟଣ ନାୟକଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାର ୧୪ଟି ବ୍ଲକରେ ୩ଟି ରଥ ମାଧ୍ୟମରେ 'ବିଏସକେୱାଇ-ନବୀନ କାର୍ଡ' ସଚେତନତା ରଥ ବୁଲି ଲୋକମାନଙ୍କୁ ସଚେତନ କରାଇବ ବୋଲି ସିଡିଏମଓ ଡା. ପାତ୍ର କହିଛନ୍ତି। ସରକାରୀ କର୍ମଚାରୀ, ଆୟକରଦାତା ଓ ପେନସନ ପାଉଥିବା ବ୍ୟକ୍ତିମାନଙ୍କ ବ୍ୟତୀତ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ଏହି ଯୋଜନାରେ ସାମିଲ ହେବେ ବୋଲି ସେ କହିଛନ୍ତି।

# ନାଲ୍‌କୋର ୪୪ତମ ପ୍ରତିଷ୍ଠା ଦିବସ



**ଦାମନଯୋଡ଼ି, ୭।୧(ସମିସ):** ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ ପ୍ରକଳ୍ପର ୪୪ତମ ପ୍ରତିଷ୍ଠା ଦିବସ ରବିବାର ମହାସମାରୋହରେ ପାଳିତ ହୋଇଛି। ସକାଳ ୮ଟାରେ ଦାମନଯୋଡ଼ିର ଅଧିଷ୍ଠାତ୍ରୀ ଦେବୀ ମା' କଣ୍ଟାବାଉଁଶୁଣୀଙ୍କୁ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ପୂର୍ବାହ୍ନ ୧୦ଟା ୩୦ ମିନଟ୍ ସମୟରେ ମାନବ ସମ୍ବଳ ବିକାଶ ବିଭାଗର ଅଡିଟୋରିୟମରେ ଅନୁଷ୍ଠିତ ସଭାରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶିଲ କୁମାର ପାଢ଼ୀ ମୁଖ୍ୟ ଅତିଥି, ସମସ୍ତ ବିଭାଗର ସମୂହ ମହାପ୍ରବନ୍ଧକମାନେ ସମ୍ମାନିତ ଅତିଥି ରୂପେ ଯୋଗେଦେଇଥିଲେ। ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମୂହ ମହାପ୍ରବନ୍ଧକ ସୁରେଶ ଚନ୍ଦ୍ର ସାମଲ ସିଏମଡିଙ୍କ ବାର୍ତ୍ତା ପାଠ କରିଥିଲେ। ନାଲକୋର ଅଲିଅଳି କନ୍ୟା ଯୋଜନା ଅନୁସାରେ ପାରିପାର୍ଶ୍ୱିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଥିଲା। ସେହିପରି ମାତୃପୂଜନ ଅନୁସାରେ ୧୦ ଜଣ ମାତୃମଣ୍ଡଳୀଙ୍କୁ ଛତା, କମ୍ବଳ, ମିଠା ପ୍ରଦାନ କରାଯାଇଥିଲା। ୭ଟି ଶ୍ରମିକ ସଂଗଠନ, ଏସସି ଏସଟି ଆସୋସିଏସନ, ଅଫିସର ଆସୋସିଏସନର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଲକୋରେ ୨୫ ବର୍ଷ କାର୍ଯ୍ୟ ସମ୍ପାଦିତ କରିଥିବା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭି. ଅନୁରାଧା ଓ ଶ୍ରୀଧର ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ମହାପ୍ରବନ୍ଧକ ସରୋଜ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିରେ ଯୋଗଦେଲେ ୫୪ କଂଗ୍ରେସ ସମର୍ଥକ

**ଜୟପୁର, ୭।୧(ସମିସ):** ଜୟପୁର ବ୍ଲକ ଧନପୁର ଗ୍ରାମ ପଞ୍ଚାୟତ ସଦରମହକୁମା ଗ୍ରାମର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପୁରୁଷ ଓ ମହିଳାଙ୍କୁ ମିଶାଇ ସମୁଦାୟ ୪୫ ପରିବାର ସଦସ୍ୟମାନେ କଂଗ୍ରେସ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ରବିବାର ଧନପୁର ଗ୍ରାମଠାରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗଦେଇଥିବା ଏହି ପରିବାର ସଦସ୍ୟମାନେ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ସହିତ ଜନକଲ୍ୟାଣ ଯୋଜନା ଓ ଉନ୍ନତିମୂଳକ କାର୍ଯ୍ୟକ୍ରମ ପ୍ରତି ଅନୁପ୍ରାଣିତ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିବା ସହତ ବିଜୁ ଜନତା ଦଳରେ ସାମିଲ ହୋଇଥିବା ନେଇ ଘୋଷଣା କରିଥିଲେ। ଏହି ଅବସରରେ ଜୟପୁର ବ୍ଲକ୍ ସଭାପତି ବିନୋଦ ପାତ୍ର, ଧନପୁର ପଞ୍ଚାୟତର ପର୍ଯ୍ୟବେକ୍ଷକ ସଞ୍ଜିବ ଦାଳିଆ, ସମିତିସଭ୍ୟ ବାବୁଲା ବାହାଦୁର ଏବଂ ଦଳର ବରିଷ୍ଠ ଯୁବକମାନେ ଉପସ୍ଥିତ ଥିଲେ। ନୂତନ ଭାବେ ଯୋଗଦେଇଥିବା ସଦସ୍ୟ ଗୋପୀ ହରିଜନ, ନରସିଂହ ମହୁରିଆ, ପୁରୁଷୋତ୍ତମ ହରିଜନ, ମହୋନ ମହୁରିଆ, ସୁକମନ ମାଣ୍ଡି, ସଦା ହରିଜନ, ଧନୁର୍ଜୟ ନାଗ, ସାଧୁ ମହୁରିଆ, ବଳରାମ ନାଗ, ଜଗଦିଶ ଗଣ୍ଡା, ଜଭାଦାନ ଅନକା, ରାଜେଶ କୁଲଦୀପ, ପ୍ରଭୁଦାନ ବାଗ୍, କୃଷ୍ଣ ନାଗ, ଡମ୍ବରୁ ମାଣ୍ଡି, ଯୀଶୁ ଅନକା ପ୍ରମୁଖ ୫୪ ଜଣ ଯୋଗଦେଇଥିଲେ।



# ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ



ଜୟପୁର, ୭।୧(ସମିସ): ଜୟପୁର ବ୍ଲକ୍ ଏକମ୍ବା ଗ୍ରାମ ପଞ୍ଚାୟତ ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚଳିତ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଡ. ଜ୍ୟୋସ୍ନା ମିଶ୍ରଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ମୋତି ଶୁଣ୍ଡୀ ଏବଂ ସମାଜସେବୀ ରାମନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଡିସକସ ଥ୍ରୋ, ଜାଭେଲିନ, ବିଭିନ୍ନ ଦୌଡ଼କୁଦ ଆଦି ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଇଛନ ହରିଜନ ଓ ବିଦ୍ୟାଳୟ ପରିଚାଳନା ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ବାର୍ଷିକ କ୍ରୀଡ଼ାକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ବି. ନଳିନୀ କୁମାର, ଉମାରାଣୀ ସାହୁ, ରାଜଲକ୍ଷ୍ମୀ ସାମନ୍ତରାୟ, ବୃନ୍ଦାବତି ଖରା, ଶୁଭଙ୍କର ଦାସ ଓ ବାଳଗୋପାଳ ମିଶ୍ର ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

# ସଚେତନ ହୋଇ ଗାଡ଼ି ଚାଳନା ପାଇଁ ବିଧାୟକଙ୍କ ପରାମର୍ଶ




**କୋରାପୁଟ, ୭।୧(ସମିସ):** ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହଠାରେ ସଡ଼କ ସୁରକ୍ଷା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ଯୋଗଦେଇ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ରାତିରେ ଗାଡ଼ିଚାଳକମାନଙ୍କ ପାଇଁ ମାଗଣାରେ ଚା' ପ୍ରଦାନ ଯୋଜନା ରାଜ୍ୟରେ ରାତ୍ର ସମୟରେ ହେଉଥିବା ବଡ଼ ବଡ଼ ଦୁର୍ଘଟଣାକୁ ରୋକିବା ସହ ଜିଲ୍ଲାସ୍ତରରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କରାଯାଉଥିବା ସଚେତନତା କାର୍ଯ୍ୟକ୍ରମ ଦୁର୍ଘଟଣାକୁ ନିଶ୍ଚିନ୍ତ ଭାବେ ରୋକିପାରିବ ବୋଲି କହିଥିଲେ। ଆମେ ସମସ୍ତେ ସଚେତନ ହୋଇ ଗାଡ଼ିଚାଳନା କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ରାଜ୍ୟ 'ମୁକ୍ତା' ଯୋଜନାର ଉପଦେଷ୍ଟା ମୀରା ପରିଡ଼ା ଯୋଗଦେଇ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ଦିଗରେ ସଚେତନତା କରିବା ଆବଶ୍ୟକ ବୋଲି କହିଥିଲେ। ଜୟପୁର ଉପଖଣ୍ଡ ପୁଲିସ ଅଧିକାରୀ ହରିଶ ବିସି, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଲୋକମାନେ ଟ୍ରାଫିକ ନିୟମକୁ ପାଳନ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ମିଶ୍ର ନିବେଦନ କରିଛନ୍ତି। ହାଇସ୍ପିଡ, ଓଭରଟେକିଙ୍ଗ, ହେଲମେଟଲେସ ଡ୍ରାଇଭିଂ ଚଳିତ ବର୍ଷର ମୁଖ୍ୟ ପ୍ରସଙ୍ଗ ଭାବରେ ନିଆଯାଇ ଜିଲ୍ଲାରେ କିପରି ଦୁର୍ଘଟଣା ରୋକାଯାଇପାରିବ ସେ ସମ୍ପର୍କରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ସମସ୍ତେ ସଚେତନ ହେବା ସହ ଟ୍ରାଫିକ ନିୟମକୁ ବହୁଳ ପ୍ରଚାର କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଆରଟିଓ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ତପନ କୁମାର ବେଟ୍ଟି, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ପାର୍ବତୀ ମସ୍ତିଙ୍କ ସମେତ ପରିବହନ ବିଭାଗର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜାତୀୟ ରାଜପଥ ବିଭାଗର ଖାମଖିଆଲି ନୀତି

# ରାସ୍ତା ପ୍ରଶସ୍ତୀକରଣ ସମୟରେ ଗଛକାଟି ଛାଡ଼ିଦେଲେ ମୂଳ

ନବରଙ୍ଗପୁର,୭।୧(ସମିସ)

ନବରଙ୍ଗପୁର ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ପ୍ରଶସ୍ତୀକରଣ ଆଳରେ ଜାତୀୟ ରାଜପଥ ବିଭାଗ ରାସ୍ତା ପାର୍ଶ୍ୱ ଗଛ କାଟି ମୂଳ ଛାଡ଼ିଦେବା ଫଳରେ ଏବେ ସହରର ଟ୍ରାଫିକ ସମସ୍ୟା ଜଟିଳ ହୋଇଛି। ଜାତୀୟ ରାଜପଥ ବିଭାଗର ଏଭଳି ଖାମଖିଆଲି ନୀତି ଯୋଗୁଁ ଜନସାଧାରଣ ଟ୍ରାଫିକ୍ ସମସ୍ୟା ଭୋଗୁଛନ୍ତି।

**● ଟ୍ରାଫିକ ସମସ୍ୟା ଭୋଗୁଛନ୍ତି ଜନସାଧାରଣ**



ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଛାଡ଼ିଥିବା ଗଛର ମୂଳକୁ ବାହାର କରି ତୁରନ୍ତ ରାସ୍ତା ପ୍ରଶସ୍ତୀକରଣ କରିବା ସହ ଟ୍ରାଫିକ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ସହର ମଧ୍ୟଭାଗ ଦେଇ ୨୬ ନମ୍ବର ଜାତୀୟ ରାଜପଥ ଯାଇଛି। ନବରଙ୍ଗପୁର ଇନ୍ଦ୍ରାବତୀ ନଦୀ ପୋଲଠାରୁ ମାଝୀଗୁଡ଼ା ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ରାସ୍ତା ସମ୍ପୂର୍ଣ୍ଣ ଭାବେ ସହର ମଧ୍ୟ ଦେଇ ଯାଉଛି। ନବରଙ୍ଗପୁର ଇନ୍ଦ୍ରାବତୀ ନଦୀ ପୋଲଠାରୁ ମାଝୀଗୁଡ଼ା ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ସଂଯୋଗ କରୁଥିବା ଜାତୀୟ ରାଜପଥ ରାସ୍ତା କଡ଼ର ଦୁଇ ପାର୍ଶ୍ୱରେ ପୂର୍ବରୁ ରହିଥିବା ପାଖାପାଖି ୮୭୦ଟି ବଡ଼ ବଡ଼ ଗଛକୁ ବିଗତ ଦିନରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ କରାଯିବା ଆଳରେ କଟାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଜାତୀୟ ରାଜପଥ ବିଭାଗ ରାସ୍ତାର ପ୍ରଶସ୍ତୀକରଣ କରିନାହିଁ। ଅନ୍ୟପଟରେ ଗଛ କାଟିବା ପରେ ମୂଳ ଅଂଶଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଛାଡ଼ିଦେଇଛି। ଯାହାଦ୍ୱାରା ସହରର ମଧ୍ୟ ଦେଇଥିବା ଯାଇଥିବା ଜାତୀୟ ରାଜପଥରେ ସବୁବେଳେ ଟ୍ରାଫିକ ସମସ୍ୟା ଲାଗି ରହୁଛି। ସର୍ବଦା ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣ ଟ୍ରାଫିକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଏହି ଜାତୀୟ ରାଜପଥ ପାର୍ଶ୍ୱରେ ଶ୍ରୀଜଗନ୍ନାଥ, ମା' ଭଣ୍ଡାରଘରଣୀ ଭଳି ବିଭିନ୍ନ ବଡ଼ ବଡ଼ ମନ୍ଦିର ରହିଥିବାବେଳେ ରଥଯାତ୍ରା, ଦଶହରା, ବଡ଼ଦିନ ପର୍ବ ମଧ୍ୟ ଏହି ମୁଖ୍ୟ ରାସ୍ତା ଉପରେ ପାଳନ କରାଯାଉଛି। ତେଣୁ ଏହି ଜାତୀୟ ରାଜପଥର ପ୍ରଶସ୍ତୀକରଣ କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ଜାତୀୟ ରାଜପଥ ବିଭାଗ ପ୍ରଶସ୍ତୀକରଣ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ରାସ୍ତା ପାର୍ଶ୍ୱରୁ କାଟିଥିବା ଗଛର ମୂଳଗୁଡ଼ିକ ଛାଡ଼ି ଦେଇ ଟ୍ରାଫିକ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ତେଣୁ ଏ ଦିଗରେ ଜାତୀୟ ରାଜପଥ ବିଭାଗ ଗୁରୁତ୍ୱ ଦେଇ ରାସ୍ତା ପ୍ରଶସ୍ତୀକରଣ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ ସହରବାସୀ ଦାବି କରିଛନ୍ତି। ଏନେଇ ଜାତୀୟ ରାଜପଥ ବିଭାଗ ନବରଙ୍ଗପୁର ଦାୟିତ୍ୱରେ ଥିବା ଏସ୍‌ଡିଓ ରାଜେନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରୁ ନବରଙ୍ଗପୁର ଇନ୍ଦ୍ରାବତୀ ପୋଲଠାରୁ ସହର ମଧ୍ୟ ଭାଗ ଦେଇ ମାଝିଗୁଡ଼ାସ୍ଥିତ ସର୍କିଟହାଉସ ଛକ ପର୍ଯ୍ୟନ୍ତ ସଂଯୋଗ ରାସ୍ତାର ସମ୍ପ୍ରସାରଣ କରାଯିବ ନାହିଁ ବୋଲି ସଫା ମନା କରିବା ସହ ନବରଙ୍ଗପୁର ବାଇପାସ୍ ପାଇଁ ବର୍ତ୍ତମାନ ଅନୁମୋଦନ ହେବା ସହ ବ୍ୟୟବରାଦ ମଧ୍ୟ ହୋଇସାରିଛି। ତେଣୁ ସହର ମଧ୍ୟରେ ରହିଥିବା ପୁରୁଣା ରାସ୍ତା ଉପରେ ହିଁ କେବଳ ନୂତନ ଭାବେ ପିଚୁ ପକାଯିବ। ଦେଢ଼ ମିଟର ନୂତନ ଡ୍ରେନ୍ ନିର୍ମାଣ କରି ଡ୍ରେନ୍ ଉପରେ ପ୍ଲେଟ ପକାଇ ଚଲା ରାସ୍ତା ବ୍ୟବସ୍ଥା କରିବା ସହ ଗଛ କାଟି ନେଇଯିବା ପରେ ଯେଉଁ ଅଧାକଟା ମୂଳ ଅଂଶ ରହିଛି ତାହାକୁ ବାହାର କରାଯିବ ବୋଲି ଏସ୍‌ଡିଓ କହିଛନ୍ତି।

## ଗର୍ଭବତୀଙ୍କୁ ଭାରରେ ବୋହିଲେ ଆମ୍ବୁଲାନ୍ସ ଚାଳକ



**ବନ୍ଧୁଗାଁ,୭।୧(ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାବ୍ରିବାଡି ପଞ୍ଚାୟତ ଲୋପେଟା ଗ୍ରାମରେ ପୁଣି ଜନନୀ ଯନ୍ତ୍ରଣା ଦୃଶ୍ୟ ନଜରକୁ ଆସିଛି। ଗ୍ରାମକୁ ଯିବା ପାଇଁ ଥିବା ପିଚୁ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଜଣେ ଗର୍ଭବତୀ ମହିଳାଙ୍କୁ ଭାରରେ ଆମ୍ବୁଲାନ୍ସ ଚାଳକ ନିଜେ ଗ୍ରାମବାସୀଙ୍କ ସହଯୋଗରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିବା ପରେ ମେଡିକାଲକୁ ନିଆଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଲୋପେଟା ଗ୍ରାମର କ୍ରୀଷ୍ଣା ହବିକାଙ୍କ ପତ୍ନୀ ସୁନୀତା ପିଡ଼ିକାଙ୍କ ପ୍ରସୂତିଜନିତ ଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା। ଆମ୍ବୁଲାନ୍ସଟି ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ବାହାରିବା ପରେ ବଡ଼ସରପଲ୍ଲୀ ମୁଖ୍ୟ ରାସ୍ତାରୁ ଲୋପେଟା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଆମ୍ବୁଲାନ୍ସଟି ଗାଁ ପାଖକୁ ଯାଇପାରି ନ ଥିଲା। ଫଳରେ ମହିଳା ଜଣଙ୍କୁ ଆମ୍ବୁଲାନ୍ସ ଚାଳକ ଗ୍ରାମବାସୀ ତଥା ମହିଳାଙ୍କ ସମ୍ପର୍କୀୟଙ୍କ ସହ ମିଶି ପ୍ରାୟ ୩ କିମି ପର୍ଯ୍ୟନ୍ତ ଭାରରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ଏହି ପ୍ରକାର ଆମ୍ବୁଲାନ୍ସ ଚାଳକଙ୍କ ମହାନୀୟତାକୁ ବନ୍ଧୁଗାଁ ବ୍ଲକର ସମସ୍ତ ବର୍ଗର ଜନସାଧାରଣ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ଚୋରି ବାଇକ୍ ଜବତ; ଅଭିଯୁକ୍ତ ଗିରଫ

**ଜୟପୁର,୭।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ପୁଲିସ ପକ୍ଷରୁ ଚୋରି ବାଇକ ଜବତ ହୋଇଥିବାବେଳେ ଏହାକୁ ଚୋରି କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ବୈପାରୀଗୁଡ଼ା ଥାନା ଦଶମନ୍ତପୁର ଗ୍ରାମର ସୁଜନ ନାୟକ (୨୫)। ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ସୂଚନା ଅନୁଯାୟୀ, ଗତ ଡିସେମ୍ବର ୧୨ ତାରିଖରେ ବି.ସିଙ୍ଗପୁର ଥାନା ଟେଙ୍କର ଗ୍ରାମର ଯୁବକ ଗୋରା ମାଝି ତାଙ୍କ ବାଇକ ସ୍ଥାନୀୟ ନୂଆ ସାହି ଭିଆଇପି ଲାଇନ ଅପସରା ହୋଟେଲ ସମ୍ମୁଖରୁ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ସିସିଟିଭି ଦୃଶ୍ୟକୁ ଦେଖି ତଦନ୍ତ ଆରମ୍ଭ କରିଥିଲେ। ଶେଷରେ କୌଣସି ସୂତ୍ରରୁ ଖବର ପାଇ ସୁଜନଙ୍କ ଗ୍ରାମରେ ପହଞ୍ଚି ତାଙ୍କୁ ଗିରଫ କରିବା ସହ ବାଇକକୁ ଉଦ୍ଧାର କରାଯାଇଥିଲା। ଏନେଇ ଥାନାରେ ଏକ ବାଇକ ଚୋରି ମାମଲା ରୁଜୁ ହୋଇଥିଲା।

## ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

**ଡାବୁଗାଁ,୭।୧(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ବ୍ୟାଙ୍କରର୍ସ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପିଏମ୍‌ଇଜିପି ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଶିଳ୍ପି ଉନ୍ନତି ଯୋଜନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜନ ସୁରକ୍ଷା ଯୋଜନା, ମୋ ଘର, ପିଏମ୍ କିଷାନ, ଭିନ୍ନକ୍ଷମ ଋଣ, ବଳରାମ ଯୋଜନାରେ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନସନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏଲ୍‌ଡିଏମ୍ ସୁନୀଲ କୁମାର ଜାମୁଡା, ଡାବୁଗାଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଏନ୍. ଲୋକନାଥ ରେଡ୍ଡୀ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ମୃତ୍ତିକା ସଂରକ୍ଷଣ ରେଞ୍ଜ ଅଧିକାରୀ ଗୌତମ କୁମାର ସେଠୀ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ମିଶନଶକ୍ତି ବିପିଏ ନବୀନ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀ ମାଝୀ ମୃତ୍ୟୁ ଘଟଣା; ସିବିଆଇ ତଦନ୍ତ ଦାବି

**ଗୁଣୁପୁର,୭।୧(ସମିସ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁରରେ ଘଟିଥିବା ଲକ୍ଷ୍ମୀ ମାଝୀ ମୃତ୍ୟୁ ଘଟଣାରେ କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ଯେଉଁ ତଦନ୍ତ କରାଯାଉଛି ତାହା ଦିଗହୀନ ଭାବରେ ଚାଲିଥିବା ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ ଆବାହକ ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ଏହାର ଦୋଷୀକୁ ତୁରନ୍ତ ବାହାର କରିବାକୁ ସଗଠନ ଦାବି କରିଛି। ଗତ ୫ ତାରିଖରେ ଆଦିବାସୀ ସଂଗଠନ ପକ୍ଷରୁ ରାୟଗଡ଼ା ବନ୍ଦକୁ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ସମର୍ଥନ କରିଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଲକ୍ଷ୍ମୀ ମାଝୀ ମୃତ୍ୟୁ ଘଟଣାରେ ସଂଗଠନ ପକ୍ଷରୁ ଗତ ସପ୍ତାହରେ ଚନ୍ଦ୍ରପୁରକୁ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଯାଇଥିଲା। ଏହି କମିଟି ଚନ୍ଦ୍ରପୁର ଗସ୍ତକରି ବିଭିନ୍ନ ସରକାରୀ ଅଧିକାରୀ ଓ ବେସରକାରୀ ସଂଗଠନ ସହିତ ଏ ସମ୍ପର୍କରେ ଅଲୋଚନା କରି ପ୍ରକୃତ ଦୋଷୀକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଥିଲା। ତେବେ ଏହି ଘଟଣାକୁ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରିବାକୁ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଆବାହକ ଶ୍ରୀ ନନ୍ଦ ଦାବି କରିଛନ୍ତି।

## ହାଇଦରାବାଦକୁ କୁଲି ଖଟିବାକୁ ଯାଇ ଆଦିବାସୀ ଯୁବକ ନିଖୋଜ

**କୋରୁକୋଣ୍ଡା,୭।୧(ସମିସ):** ହାଇଦରାବାଦକୁ ଶ୍ରମିକ ଭାବେ ଖଟିବାକୁ ଯାଇ ଜଣେ ଆଦିବାସୀ ଯୁବକ ନିଖୋଜ ହେବା ସମ୍ପର୍କରେ ପରିବାର ଲୋକେ ଥାନାରେ ଏତଲା ଦାୟର କରିଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା କୋରକୁଣ୍ଡା ବ୍ଲକସ୍ଥ ତାର୍ଲକୋଟା ପଞ୍ଚାୟତ ପୁସପାଲି ଗ୍ରାମର କସା କବାସୀ ନାମକ ଆଦିବାସୀ ଯୁବକ ଗତ ଡିସେମ୍ବର ମାସରେ ହାଇଦରାବାଦକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ।



ସେଠାରେ ପହଞ୍ଚିବା ପରେ ତାଙ୍କ ପରିବାର ସହିତ କୌଣସି ଯୋଗାଯୋଗ ହୋଇନାହିଁ କି ଫୋନ ମଧ୍ୟ ଲାଗୁ ନ ଥିବାରୁ ସେ ହାଇଦରାବାଦରେ ନିଖୋଜ ହୋଇ ଯାଇଥିବାର ପରିବାର ଲୋକେ ଜାଣିପାରିଥିଲେ। ଗରିବ ଆଦିବାସୀ ହୋଇଥିବାରୁ ହାଇଦରାବାଦକୁ ଯାଇ ତାଙ୍କୁ ଖୋଜିବା ସେମାନଙ୍କ ପକ୍ଷେ ସମ୍ଭବପର ନୁହେଁ। ତେଣୁ ପରିବାର ଲୋକେ ବାଧ୍ୟ ହୋଇ କସା କବାସୀ ନିଖୋଜ ନେଇ କୋରକୁଣ୍ଡା ଥାନାରେ ଏକ ଏତଲା ଦେଇ ତାଙ୍କୁ ଖୋଜିଆଣିବା ପାଇଁ ନିବେଦନ କରିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୭।୧(ସମିସ)







ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ପକ୍ଷରୁ ରବିବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଚିତ୍ରକୋଣ୍ଡା ଥାନାଠାରୁ ଏକ ସଚେତନତା ରାଲି ବାହାରି ଚିତ୍ରକୋଣ୍ଡା ଦୈନିକ ବଜାର ଦେଇ ଚିତ୍ରକୋଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିଥିଲା। ଏହି ରାଲିରେ ଚିତ୍ରକୋଣ୍ଡା ଥାନାର ସମସ୍ତ ପୁଲିସ କର୍ମଚାରୀଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ବିଦ୍ୟାଳୟ ପରିସରରେ ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ଗାଡ଼ି ଚାଳନା ସମୟରେ କିଭଳି ସତର୍କତାମୂଳକ ଅବଲମ୍ବନ କରିବେ ସେନେଇ ସଚେତନତା କରାଯାଇଥିଲା। ଏଥିରେ ଏସଆଇ ନିମାଇଁ ଚରଣ ପଣ୍ଡା, ଏସଆଇ ଗୌତମ ସୁନା, ଏସଆଇ ରାଜ କିଶୋର ଶବରଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

**ଚାନ୍ଦିଲି:** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୋଟପାଡ଼ର ବିଦ୍ୟାର୍ଥୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରଧାନଶିକ୍ଷକ ସ୍ୱପ୍ନେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ଇକୋ କ୍ଲବର ଶିକ୍ଷକ ରତିକାନ୍ତ ମହାନ୍ତି, ଶକ୍ତି ସଂରକ୍ଷଣ କ୍ଲବର ଶିକ୍ଷକ ସୁଜିତ ସରକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। 'ସଡ଼କ ସୁରକ୍ଷା, ପରିବାର ରକ୍ଷା' ଶୀର୍ଷକ ଉପରେ ପାଳିତ ଚଳିତବର୍ଷର ସଡ଼କ ସୁରକ୍ଷା ସପ୍ତାହ ଅବସରରେ ବିଦ୍ୟାଳୟର ଛାତ୍ରୀମାନେ ନଗର ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ପନିରପୁଷ୍କର ସାଗର, ଦମୟନ୍ତୀ ସାହୁ, ରାଧାକାନ୍ତ ରାଉତ, ବନିତା ମହାନ୍ତି, ପ୍ରଭାସିନୀ ଲିମାଲ, ସବିତା ମାଦଲା, ସାଇତା ଗୋଲାରି, ପ୍ରିୟଦର୍ଶିନୀ ମଣ୍ଡଳ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଡାବୁଗାଁ ମୁଖ୍ୟ ରାସ୍ତାରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରା ମାଧ୍ୟମରେ ସଡ଼କ ସୁରକ୍ଷା ନେଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଗାଡ଼ି ଚଳାଇବାବେଳେ ହେଲମେଟ ପିନ୍ଧିବା, ସିଟବେଲ୍ଟ ଲଗାଇବା, ଟ୍ରାଫିକ ନିୟମ ମାନି ଚାଲିବା ଭଳି ଅନେକ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀମାନେ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ସାମନ୍ତରାୟ ଓ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ଏବଂ ଉଭୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ତେନ୍ତୁଲିଖୁଣ୍ଟି :** ତେନ୍ତୁଲିଖୁଣ୍ଟି ବ୍ଲକ୍ ଲମତାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ଗ୍ରାମ ପରିକ୍ରମା କରିବା ସହ ସାଧାରଣ ଲୋକଙ୍କୁ ସଡ଼କ ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ସଚେତନ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନିଶା ମଲ୍ଲିକ, ଜୁନିଅର୍ ରେଡକ୍ରସ ସଂଯୋଜକ ମୁକୁନ୍ଦ ପ୍ରସାଦ ନାୟକଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସଡ଼କ ସୁରକ୍ଷା ସଚେତନତା ଓ ନିରାପତ୍ତା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବା ପୂର୍ବରୁ ଦୁର୍ଘଟଣା ରୋକିବା ଓ ସୁସ୍ଥ ସମାଜ ଗଠନ ଦିଗରେ ଉଦ୍ୟମ କରିବା ପାଇଁ ସଚେତନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## ଆର୍ଥିକ ସାକ୍ଷରତା ସଚେତନତା ସମ୍ପର୍କିତ ୱାକାଥନ୍




**କୋରାପୁଟ, ୭।୧(ସମିସ):** ଜନସାଧାରଣଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ କୋରାପୁଟ ସଦର ମହକୁମାରେ ୱାକାଥନ ଆୟୋଜିତ ହୋଇଯାଇଛି। ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ଏହି ୱାକାଥନରେ ଅଂଶଗ୍ରହଣ କରିଥିଲେ। ଏହାପରେ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଯୋଗଦେଇ ଆର୍ଥିକ ସାକ୍ଷରତା, ସାଇବର ସୁରକ୍ଷା, ଡିଜିଟାଲ ବ୍ୟାଙ୍କିଙ୍ଗ, ବିଭିନ୍ନ ପ୍ରକାର ଠକେଇ, ଚିରା ଓ ଫଟା ନୋଟ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଆରବିଆଇର ଏକୀକୃତ୍ ଲୋକପାଳ ଯୋଜନା ଇତ୍ୟାଦି ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ସତ୍ୟବ୍ରତ ବରୁଆ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଏସପି ବିମଳକାନ୍ତ ବ୍ରହ୍ମା, ଅଗ୍ରଣୀ ଜିଲ୍ଲା ଅଧିକାରୀ ଅମିତ କୁମାର ଓ ରଶ୍ମି ରଞ୍ଜନ ସାହୁ, ଅଗ୍ରଣୀ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଲିଙ୍ଗରାଜ ସାହୁ ଏବଂ ନାବାର୍ଡ ଡିଡିଏମ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନାରାୟଣପାଟଣା ଓ ବନ୍ଧୁଗାଁରେ ଖୋଲିବ ସ୍ନାତକ ମହାବିଦ୍ୟାଳୟ

**କୋରାପୁଟ,୭।୧(ସମିସ):** କୋରାପୁଟ ଜିଲ୍ଲାର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକରେ ଖୋଲିବ ସରକାରୀ ସ୍ନାତକ ମହାବିଦ୍ୟାଳୟ। ଏନେଇ ରାଜ୍ୟ ସରକାର ଗୁରୁବାର ଘୋଷଣା କରିଥିବାବେଳେ ଏଥିପାଇଁ ନିଖିଳ ଓଡ଼ିଶା ୬୬୨ (+୨ ଓ +୩) ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ କୋରାପୁଟ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଉକ୍ତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ କଳା କ୍ଷେତ୍ରରେ ଅଧ୍ୟୟନ କରିବାକୁ ଥିବାବେଳେ ଶିକ୍ଷାବର୍ଷ ୨୦୨୪-୨୫ରୁ ମହାବିଦ୍ୟାଳୟ ଖୋଲି ପାଠପଢ଼ା ଆରମ୍ଭ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି କ୍ରମରେ କୋରାପୁଟ ଜିଲ୍ଲା ନାରାୟଣପାଟଣା ଏବଂ ବନ୍ଧୁଗାଁ ବ୍ଲକରେ ସ୍ନାତକ ମହାବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ନିଖିଳ ଓଡ଼ିଶା ୬୬୨ (+୨ ଓ +୩) ବେସରକାରୀ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ କୋରାପୁଟ ଶାଖା ସଭାପତି ତ୍ରିନାଥ ପାତିକା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଅର୍ପଣ କରିବା ସହ ରାଜ୍ୟ ସରକାରଙ୍କ ଏହା ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଛନ୍ତି। ଏଥିସହ ସଂଘ ପରାମର୍ଶଦାତା ଶ୍ୱେତ ବସନ୍ତ ରଥ, ଉପସଭାପତି ଉଷାରାଣୀ ଦାସ, ଯୁକ୍ତ ଦୁଇ ସମ୍ପାଦକ ପ୍ରଜାରଞ୍ଜନ ମିଶ୍ର, ଯୁକ୍ତ ତିନି ସମ୍ପାଦକ କିଶୋର ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ କୁମାର ଚୌଧୁରୀ, କୋଷାଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା ପ୍ରମୁଖ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି।

## ଶ୍ରୀମନ୍ଦିର ପରିକ୍ରମା ରଥକୁ ଭବ୍ୟ ସ୍ୱାଗତ



**ମାଥିଲି,୭।୧(ସମିସ):** ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ତାରିଖରେ ଶୁଭ ଉଦଘାଟନୀ ଉତ୍ସବ ପାଇଁ ରାଜ୍ୟର ସମସ୍ତ ବ୍ଲକ୍ ତଥା ସମସ୍ତ ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ରଥ ତଥା ଅର୍ପଣ ରଥ ବୁଲିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥ ରବିବାର ଉପାନ୍ତ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ସଦର ମହକୁମାରେ ପହଞ୍ଚିବା ପରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ, ମାଥିଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା, ମାଥିଲି ସଦର ସରପଞ୍ଚ କାନାମ ରାଜୁ ନାୟକ, ବିଜେଡି ମହିଳା ଉପସଭାପତି ସୁନିତା ଜେନାଙ୍କ ସମେତ ନାମ ସଂକୀର୍ତ୍ତନ ସହି ହଜାର ହଜାର ଭକ୍ତଙ୍କ ସହିତ ଶ୍ରୀମନ୍ଦିର ପରିକ୍ରମା ରଥକୁ ଭବ୍ୟ ସ୍ୱାଗତ କରିବା ସହିତ ମାଥିଲି ଅଞ୍ଚଳରେ ସମସ୍ତ ଘର ବୁଲି ଚାଉଳ ଓ ଗୁଆ ସଂଗ୍ରହ କରିଥିବା ଦେଖିବାକୁ ମିଳିଥିଲା।

## ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ଅସନ୍ତୋଷ

# ବିଦ୍ୟାଳୟକୁ ଆସୁଛନ୍ତି ୧୭; ଉପସ୍ଥାନରେ ୧୦୦ରୁ ଊର୍ଦ୍ଧ୍ୱ

କାକିରିଗୁମ୍ମା,୭।୧(ସମିସ)

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଭିତରଗଡ଼ ଉନ୍ନତ ଆଶ୍ରମ ବିଦ୍ୟାଳୟରେ ଶତ ପ୍ରତିଶତ ଛାତ୍ରୀଙ୍କ ଉପସ୍ଥାନ ବଜାୟ ରଖିବାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି।

**● ତଦନ୍ତ ଦାବିକଲେ ଅଞ୍ଚଳବାସୀ**



ଏକ୍ମାସ ଛୁଟି ପରେ ଚଳିତ ମାସ ୨ ତାରିଖରୁ ବିଦ୍ୟାଳୟ ଖୋଲିଥିବାବେଳେ ମାତ୍ର ୧୭ ଛାତ୍ରୀ ହଷ୍ଟେଲକୁ ଫେରି ବିଦ୍ୟାଳୟକୁ ଆସୁଥିବାବେଳେ ପ୍ରଧାନଶିକ୍ଷକ ଉପସ୍ଥାନ ଖାତାରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଗତ ୨ ତାରିଖରୁ ଆସୁଥିବା ନେଇ ଦର୍ଶାଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏବେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଭିତରଗଡ଼ ଉନ୍ନତ ସେବାଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ ସହ ଛାତ୍ରୀଙ୍କ ହଷ୍ଟେଲର ବ୍ୟବସ୍ଥା ରହିଛି। ଉକ୍ତ ବିଦ୍ୟାଳୟରେ ୧୭୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ୧୨୧ ଜଣ ଆଦିବାସୀ ହରିଜନ ଛାତ୍ରୀ ହଷ୍ଟେଲରେ ରହି ଅଧ୍ୟୟନ କରୁଛନ୍ତି। ଗତମାସରେ ହୋଇଥିବା ଏକ୍ମାସ ଛୁଟି ପରେ ଚଳିତ ମାସ ୨ ତାରିଖରେ ବିଦ୍ୟାଳୟ ଖୋଲିଛି। ବିଦ୍ୟାଳୟ ଖୋଲିବାର ୫ ଦିନ ବିତିଗଲା ପରେ ମଧ୍ୟ କେବଳ ୧୭ ଜଣ ଛାତ୍ରୀ ହଷ୍ଟେଲକୁ ଫେରିବା ସହ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଉପସ୍ଥାନରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସୁଥିବା ଉପସ୍ଥାନ ପକାଯାଉଥିବା ନଜରକୁ ଆସିଛି। ଯାହାକୁ ନେଇ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ପ୍ରଧାନଶିକ୍ଷକ କେଶବ ରଣାଙ୍କୁ ପଚାରିବାରେ ହଷ୍ଟେଲର ସମସ୍ତ ଛାତ୍ରୀ ଫେରିଥିବା ଓ ବିଦ୍ୟାଳୟକୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆସୁଥିବା ସେ ପ୍ରକାଶ କରିବା ସହ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ଅନ୍ୟପଟରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ପଚାରିବାରେ, ଏହାର ଅନୁଧ୍ୟାନ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଶ୍ରୀମନ୍ଦିର ପରିକ୍ରମା ଅର୍ପଣ ରଥର ଶୁଭାରମ୍ଭ



**ମାଲକାନଗିରି/ବାଲିମେଳା,୭ ।୧(ସମିସ):** ମାଲକାନଗିରି ଜିଲ୍ଲା ସଦରରେ ରବିବାର ଶ୍ରୀମନ୍ଦିର ପରିକ୍ରମାର ଅର୍ପଣ ରଥ ଭ୍ରମଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ପୂର୍ବାହ୍ଣ ୧୦ଟା ସମୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବାଲିମେଳାରେ ଜିଲ୍ଲା ସଦରରେ ଥିବା ଜଗନ୍ନାଥ ମନ୍ଦିର ପରିସରରୁ ଏହି ରଥର ଶୁଭାରମ୍ଭ କରଯାଇଥିଲା। ଏହି ଅବସରରେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାମାରି ତାଙ୍ଗୁଲ, ପୌର ଅଧ୍ୟକ୍ଷ ମନୋଜ କୁମାର ବାରିକ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାନସ ମାଡକାମୀ ପ୍ରମୁଖଙ୍କ ସହ ବହୁ ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ, ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ମଧ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଲିମେଳା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଶ୍ରୀମନ୍ଦିର ପରିକ୍ରମା ରଥ ଭ୍ରମଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ପୁଷ୍ପ ସଜିତ ରଥକୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳା ଆସିବା ପରେ ବାଲିମେଳା ୧ନଂ ୱାର୍ଡ ଭ୍ରମଣ ନିମନ୍ତେ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିମେଳା ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ଉପସ୍ଥିତ ଥିବାବେଳେ ବାଲିମେଳା ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ସମେତ ସମସ୍ତ ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସାଥୀ, ଏନଏସିର ସମସ୍ତ କର୍ମକର୍ତ୍ତା, ସମସ୍ତ ଜନ ପ୍ରତିନିଧିଙ୍କ ସହ ଶତାଧିକ ଜନତା ଉପସ୍ଥିତ ଥିଲେ।



**କୋରୁକୋଣ୍ଡା:** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପରିସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥର ଶୁଭ ଉଦ୍‌ଘାଟନ ହୋଇଯାଇଛି। ରଥକୁ ପ୍ରଥମେ କୋରୁକୋଣ୍ଡା ପଞ୍ଚାୟତ ସମିତି ପରିସରକୁ ଅଣାଯାଇଥିଲା। ବୈଦିକ ରୀତିରେ ରଥକୁ ପୂଜାର୍ଚ୍ଚନା କରିବା ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ନଡ଼ିଆ ଭାଙ୍ଗି ସବୁଜ ପତାକା ଦେଖାଇ ରଥକୁ ଉଦଘାଟନ କରିବା ସହିତ ନିଜେ ପ୍ରଥମ ଆଖି ମୁଠି ଓ ଗୁଆ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧୀନରେ ୧୨ଟି ଗ୍ରାମ ପଞ୍ଚାୟତ ରହିଥିବାବେଳେ ମୋଟ ତିନିଟି ରଥ ପଞ୍ଚାୟତର ପ୍ରତ୍ୟେକ ଘରକୁ ଘର ବୁଲି ଆଖି ମୁଠି ସହିତ ଗୁଆ ସଂଗ୍ରହ କରିବ। ଏହି ପରିକ୍ରମା ପ୍ରକଳ୍ପ ରଥ ଉଦଘାଟନୀ ଉତ୍ସବରେ ସିପି ସତ୍ୟ ଦାସ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେଶ ଚନ୍ଦ୍ର ସାହୁ, ତ୍ରିଲୋଚନ ଚୌଧୁରୀ, କୋରୁକୋଣ୍ଡା ଯୋଗାଣ ସହାୟକ ପତିତପାବନ ପାଢ଼ୀଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ, ସମସ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ, ଜିଆରଏସମାନେ ଉପସ୍ଥିତ ଥିଲେ।

**ଚନ୍ଦାହାଣ୍ଡି :** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ୧୪ଟି ପଞ୍ଚାୟତରେ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ ପାଇଁ ପ୍ରତ୍ୟେକ ଘରୁ ଚାଉଳ ଓ ଗୁଆ ସଂଗ୍ରହ ପାଇଁ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଏକତ୍ରିତ କରି ଶ୍ରୀମନ୍ଦିରକୁ ପଠାଯିବା ନେଇ ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ବ୍ଲକ ଗମ୍ଭାରୀଗୁଡ଼ା ଓ ଜମାଦାରପଡ଼ା ପଞ୍ଚାୟତକୁ ପ୍ରଥମ ଦିନରେ ଦୁଇ ଅର୍ପଣ ରଥ ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରିଥିବାବେଳେ ପ୍ରତ୍ୟେକ ଦିନ ଦୁଇ ରଥ ଦୁଇ ପଞ୍ଚାୟତ ବୁଲି ଚାଉଳ ଓ ଗୁଆ ସଂଗ୍ରହ କରି ଏକ ଜଗନ୍ନାଥ ମନ୍ଦିରରେ ଏକତ୍ରିତ କରିବା ପରେ ପୁରୀ ଶ୍ରୀମନ୍ଦିରକୁ ପ୍ରଭୁ ଜଗନ୍ନାଥ ଅର୍ପଣ ପାଇଁ ପଠାଯିବ। ରଥ ଗମ୍ଭାରୀଗୁଡ଼ାଠାରେ ପ୍ରଥମ ପରିକ୍ରମା କରିବା ସମୟରେ ଗୋଷ୍ଠୀ ଉନୟନ ଅଧିକାରୀ ରାମକୃଷ୍ଣ ନାୟକ, ଜିପିଇଓ ବନମ୍ବର ଦାସ ଓ ବ୍ଲକ୍ କର୍ମଚାରୀ, ବଳରାମ ପଟ୍ଟନାୟକ, ହୃଦାନନ୍ଦ ଜାଲ, ଠାକୁର ବୋଡ଼କିଆ, ଭୁବନେ ବେଶ୍ରା, ରୋମାଞ୍ଚଳ ସାହୁ, ଗ୍ରାମବାସୀ, ସାଧାରଣ ଜନତା, ମହିଳା ଓ ପୁରୁଷ ଭକ୍ତବୃନ୍ଦ ସମସ୍ତେ ପୂଜାର୍ଚ୍ଚନା କରିବା ପରେ ରଥ ବିଭିନ୍ନ ଗ୍ରାମ ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରୁଛି।



**ଚିତ୍ରକୋଣ୍ଡା:** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥକୁ ଚିତ୍ରକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର ଓ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ ଶୁଭାରମ୍ଭ କରିଛନ୍ତି। ଜଗନ୍ନାଥ ସଂସ୍କୃତିର ପ୍ରଚାର ସଂରକ୍ଷଣ ଏବଂ ସୁରକ୍ଷା ନିମନ୍ତେ ଓ ସମଗ୍ର ଓଡ଼ିଶାର ଜନସାଧାରଣଙ୍କୁ ଏହି ମହାନ ସଂସ୍କୃତି ସହ ଜଡ଼ିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏହି ଜୟ ଜଗନ୍ନାଥ ଅର୍ପଣ ରଥ କୀର୍ତ୍ତନମଣ୍ଡଳୀ ସହ ପରିକ୍ରମା କରି ପ୍ରତ୍ୟେକ ଗୃହରୁ ଭକ୍ତଙ୍କଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ। ମାଲକାନଗିରି ଜିଲ୍ଲା ସମସ୍ତ ବ୍ଲକରେ ଏହି ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି। ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଦର୍ଶନ ନିମନ୍ତେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଭକ୍ତମାନେ ଯିବା ସମୟରେ ନିଜ ସହିତ ସଂଗୃହିତି ଅରୁଆ ଚାଉଳ ଓ ଗୁଆ ନେଇ ପୁରୀ ଶ୍ରୀମନ୍ଦିରରେ ପ୍ରଦାନ କରିବେ। ଏହି ଜୟ ଜଗନ୍ନାଥ ଅର୍ପଣ ରଥ ଶୁଭାରମ୍ଭ ସମୟରେ ଅନ୍ୟମାନଙ୍କ ମାଧରେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଚିତ୍ରକୋଣ୍ଡା ସରପଞ୍ଚ ହୋରୀମୋହନ ଖିଲ, ରାଲେଗଡ଼ା ସରପଞ୍ଚ କମୁଲୁ ହନ୍ତାଳ, ବିଜୁ ଜନତା ଦଳ ଚିତ୍ରକୋଣ୍ଡା ବ୍ଲକ୍ ସଭାପତି ରଘୁବୀର ଖରା, ବ୍ଲକର ଏସଏଚଜି ମହିଳା, ଚିତ୍ରକୋଣ୍ଡା ବ୍ଲକର ସମସ୍ତ କର୍ମଚାରୀ, ସଂକୀର୍ତ୍ତନମଣ୍ଡଳୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



**ରାୟଗଡ଼ା:** ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ୧୭ ରିଖ ଦିନ ଲୋକାର୍ପଣ ହେବ। ଶ୍ରୀଜଗନ୍ନାଥ ଚେତନା ଜାଗ୍ରତ ଓ ପରିକ୍ରମା ପ୍ରକଳ୍ପର କାର୍ଯ୍ୟକ୍ରମକୁ ସଫଳ ପାଇଁ ରାୟଗଡ଼ା ଜିଲ୍ଲାର କଲାନାରା ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ, ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଅଧ୍ୟକ୍ଷ ପଞ୍ଚାୟତ ସମିତି, ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କଲାନାରା ବ୍ଲକର ୫ଟି ରଥ ବୁଲି ଭବ୍ୟ ପରିବେଶ ମଧ୍ୟରେ ଚାଉଳ ଓ ଗୁଆ ସଂଗ୍ରହ କରିବ। ଏଥିସହ ରାୟଗଡ଼ା ବ୍ଲକରେ ଅଧ୍ୟକ୍ଷା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅନୁସୂୟା ମାଝୀ, ବ୍ଲକ୍ ଅଧ୍ୟକ୍ଷା ଟୁନି ହୁଇକା, ଅନ୍ୟାନ୍ୟ ଜନପ୍ରତିନିଧି, କର୍ମଚାରୀ, ବିଡିଓ ଅମୂଲ୍ୟ ସାହୁ ପ୍ରମୁଖ ଉପସ୍ଥିତ ରହି ରଥ ଉଦଘାଟନ କରିଥିଲେ। ସେହିପରି ଗୁଣୁପୁର ବ୍ଲକରେ ବିଧାୟକ ରଘୁନାଥ ଗମାଙ୍ଗ ଓ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଯୋଗଦେଇ ରଥ ଶୁଭାରମ୍ଭ କରିଥିଲେ। ଏହା ସହିତ ଜିଲ୍ଲାର ଗୁଡାରି, ବିଷମ କଟକ, ମୁନିଗୁଡ଼ା, ରାମନାଗୁଡ଼ା, ପଦ୍ମପୁର ଓ କାଶୀପୁର, କଲ୍ୟାଣସିଂପୁର ବ୍ଲକରେ ରବିବାର ଭାବ୍ୟ ରଥ ପରିକ୍ରମା କରିଥିଲା।





**ନନ୍ଦପୁର:** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥକୁ ନନ୍ଦପୁରଠାରେ ଭବ୍ୟ ସ୍ୱାଗତ କରାଯାଇଛି। ରବିବାର ନନ୍ଦପୁର ସର୍ବ ପୁରାତନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଭବ୍ୟ ସମାରୋହରେ ପଟାଙ୍ଗି ବିଧାୟକ ପିତମ ପାଢ଼ି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଏସଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଜୋନାଲ ମହିଳା ସଭାନେତ୍ରୀ ଲତା ରାୟ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ମହିଳା ସଭାନେତ୍ରୀ କୁନି ପାଲି, ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ଏସଡିସି ସଦସ୍ୟା ଉର୍ମିଳା ମୁଦୁଲି, ପୂର୍ଣ୍ଣିମା ଜାନି, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ଯୁବ ନେତା ପ୍ରଭାତ ଗୁରୁ ମାଇ, କୃଷ୍ଣ ଗୁଣ୍ଟା, ଅମର ହନ୍ତାଳ, ବରିଷ୍ଠ ନେତା ଅନନ୍ତ ରାମ ମାଟାମ, ଜିପିଓ ବେଦାନ୍ତ କୁମାର ମାଝୀ, ଏଇଇ ଝସକେତନ ବେହେରା, ଅର୍ଜୁନ ମାଝୀଙ୍କ ସମତେ ଅଞ୍ଚଳର ବହୁ ଜଗନ୍ନାଥ ପ୍ରେମୀ ମହିଳା ପୁରୁଷ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ନନ୍ଦପୁର ଓ ଖୁର୍ଜି ଗ୍ରାମ ପଞ୍ଚାୟତରେ ଏହି ରଥ ପରିକ୍ରମା କରିଥିବାବେଳେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ନନ୍ଦପୁର ବ୍ଲକ୍‌ର ୨୩ଟି ଗ୍ରାମ ପଞ୍ଚାୟତ ପରିକ୍ରମା କରି ଗୁଆ, ଚାଉଳ ଗ୍ରହଣ କରିବା ପରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ପଠାଯିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

**କାଳିମେଳା:** ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ଅନ୍ତର୍ଗତ କାଳିମେଳା ଜଗନ୍ନାଥ ମନ୍ଦିରରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ରଥର ଶୁଭ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କର, ଜିପିଓ ଶ୍ରୀନିବାସ ପଣ୍ଡାଙ୍କ ସହ ବ୍ଲକର ସମସ୍ତ ପିଇଓ, ଜିଆରଏସ୍, ଜେଇ ଏବଂ କାଳିମେଳାର ସଂକୀର୍ତ୍ତନମଣ୍ଡଳୀ ଉପସ୍ଥିତ ଥିଲେ। ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ବ୍ଲକର ବିଭିନ୍ନ ପଞ୍ଚାୟତକୁ ବୁଲିବାର ବ୍ୟବସ୍ଥା କରାଯାଇଛି।



## ସଡ଼କ ସୁରକ୍ଷା ସପ୍ତାହରେ ଅମୟ ସମ୍ମାନିତ




**କାଶୀପୁର,୭।୧(ସମିସ):** ସଡ଼କ ସୁରକ୍ଷା ସପ୍ତାହ ଗତ ୧ ତାରିଖଠାରୁ ଆରମ୍ଭ ହୋଇ ରବିବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାରେ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ ପାଇଁ ଜିଲ୍ଲା ପ୍ରଶାସନ ତଥା ଆଞ୍ଚଳିକ ପରିବହନ ସଂସ୍ଥା ରାୟଗଡ଼ା ତରଫରୁ ସପ୍ତାହବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାପାଳ ସ୍ୱାଧାଦେବ ସିଂ, ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଆଞ୍ଚଳିକ ପରିବହନ ଅଧିକାରୀ ଜାନୁଆରୀ ଶିବ ଶଙ୍କର ଚୌଧୁରୀ, ଏମଭିଆଇ ରାଜ କୁମାର ବେହେରା, ଅତିରକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରମୁଖ ଯୋଗଦେଇ ଭଲ ସମରେଟନ ଓ ସଡ଼କ ସୁରକ୍ଷା ପାଇଁ କାମ କରୁଥିବା ବ୍ୟକ୍ତିବିଶେଷ, ଡାକ୍ତର, ପୁଲିସ ଅଧିକାରୀ, ଡ୍ରାଇଭର ଆଦିଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଶୀପୁରର ସମାଜସେବୀ ତଥା ସାମ୍ବାଦିକ ଅମୟ କୁମାର ଦାସଙ୍କ ସହ ରାୟଗଡ଼ା ଜିଲ୍ଲା ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ଯୋଗିଜୀବନ ନାଏକଙ୍କୁ ମଧ ସମ୍ମାନିତ କରାଯାଇଛି।

## ୨୦୦୮ ବ୍ୟାଚ୍‌ର ବନ୍ଧୁମିଳନ



**ଉମରକୋଟ,୭।୧(ସମିସ):** ଉମରକୋଟ ସ୍ଥିତ ଫାର୍ମ ଆମ୍ବ ବଗିଚାଠାରେ ଉମରକୋଟ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୮ ବ୍ୟାଚର ଦଶମ ଶ୍ରେଣୀର ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ ବ୍ୟାଚ୍‌ର ସୁଦେବ ନନ୍ଦୀ, ବଳରାମ ଶର୍ମା, ଲଳିତ ସେଠୀଙ୍କ ପ୍ରଚେଷ୍ଟା ଏବଂ ସମସ୍ତଙ୍କ ସହଯୋଗରେ ପ୍ରଥମ କରି ଦୀର୍ଘ ୧୫ ବର୍ଷ ପରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ସର୍ବପ୍ରଥମେ ପ୍ରାଣ ହରାଇଥିବା ୩ ଜଣ ଦିବଂଗତ ସାଙ୍ଗ ସ୍ୱର୍ଗୀୟ ଆନନ୍ଦ ମାଝୀ, କେ. କେଦାର ନାଥ ଓ ଅହମ୍ମଦ ରାଜାଙ୍କ ଆତ୍ମାର ସଦଗତି କାମନା ନେଇ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଆଗାମୀ ଦିନରେ ଉମରକୋଟ ସହରର ବିକାଶ ସହ ନିରୀହ ଏବଂ ଗରିବ ଲୋକଙ୍କୁ ସବୁ କ୍ଷେତ୍ରରେ ସାହାଯ୍ୟ ଏବଂ ସହଯୋଗ କରିବା ପାଇଁ ଶପଥ ନେଇଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ

**ମାଲକାନଗିରି,୭।୧(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା କାର୍ଯ୍ୟାଳୟରେ ସଂଘ ପ୍ରତିଷ୍ଠା ଦିବସ ଜିଲ୍ଲା ସଭାପତି ତାରକ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସକାଳ ୮ଟା ସମୟରେ ସଂଘର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରଥମେ ସଂଘ ପତାକା ଉତ୍ତୋଳନ କରିଥିଲେ ଏବଂ ସଂଘର ପ୍ରତିଷ୍ଠା ଓ ଇତିହାସ ସମ୍ପର୍କରେ ଅବଗତ କରାଇଥିଲ। ଏହାପରେ ସଂଘର କର୍ମକର୍ତ୍ତା ଗୌରୀଶ୍ୟାମ ମହାନ୍ତି, ଦେବରାଜ ସାହୁ, ରାମପ୍ରସାଦ ପାଢ଼ୀ, ଚିତ୍ତରଞ୍ଜନ ସରକାର, ପ୍ରଦୀପ ଦଳେଇ, ବାସନ୍ତୀ ପଟ୍ଟା, ପୂର୍ଣ୍ଣଚନ୍ଦ୍ର ସାହୁ, ସମୀରକାନ୍ତ ରଥ, ସାଧାରଣ ସମ୍ପାଦକ ଦାମୋଦର, ଉପଦେଷ୍ଟା ନାରାୟଣ ଭୋଳ ପ୍ରମୁଖ ୨୦୦୫ ପରେ ଚାକିରି ପାଇଥିବା ଶିକ୍ଷକମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା, ଶିକ୍ଷକମାନଙ୍କ ପଦୋନ୍ନତି, ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ପଦ ପୂରଣ, ବକେୟା ଦରମା ପ୍ରଦାନ ଏବଂ ଏକତା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲ। ରାଜ୍ୟ ଉପସଭାପତି ରଞ୍ଜିତ କୁମାର ନାୟକ ମାଲକାନଗିରି ବିଇଓଙ୍କ ମନମୁଖୀ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିଥିଲ। ଅନ୍ୟାନ୍ୟ ଶିକ୍ଷକ ପ୍ରତିନିଧି ଓ ଶିକ୍ଷକମାନଙ୍କ ମଧ୍ୟରେ ଅମ୍ରିତଲାଲ ସରକାର, ସମୀରକାନ୍ତ ରଥ, ଶ୍ରୀଧର ସାହୁ, କଳ୍ପତରୁ ନାୟକ, ପ୍ରମୋଦ କୁମାର ପଣ୍ଡା ପ୍ରମୁଖଙ୍କ ସହ ଶତାଧିକ ଶିକ୍ଷକ ଉପସ୍ଥିତ ଥିଲ।

## ଜନଜାତି ସଂସ୍କୃତି ଦଳଙ୍କୁ ନୃତ୍ୟ ଆଭୂଷଣ ଓ ବାଦ୍ୟଯନ୍ତ୍ର ପ୍ରଦାନ

**ନନ୍ଦପୁର,୭।୧(ସମିସ):** ରାଜ୍ୟ ସରକାର ଆଦିବାସୀଙ୍କ କଳା, ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଓ ପୁନଃ ଜୀବିତ ରଖିବା ଉଦ୍ଦେଶ୍ୟ ନେଇ ସାରା ରାଜ୍ୟରେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ପକ୍ଷରୁ ଜନଜାତି ସଂସ୍କୃତି ଦଳଙ୍କୁ ନୃତ୍ୟ ଆଭୂଷଣ ପ୍ରଦାନ କରାଯାଉଛି। ଏହି କ୍ରମରେ ରବିବାର ନନ୍ଦପୁର ବ୍ଲକରେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ପକ୍ଷରୁ ଆଦିବାସୀ କଳା ସଂସ୍କୃତି ଦଳମାନଙ୍କୁ ନୃତ୍ୟ ଆଭୂଷଣ ଓ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଛି। ନନ୍ଦପୁର ବ୍ଲକର ୧୪ଟି ସଂକୀର୍ତ୍ତନ ମଣ୍ଡଳୀ ଓ ୯ଟି ଢେମସା ଦଳକୁ ଏହା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ପିତମ ପାଢ଼ି ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦର କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦର ଜିଲ୍ଲା ସଭାପତି ଚନ୍ଦ୍ରଶେଖର ମାଝୀ, 'ମୁକ୍ତା' ଯୋଜନାର ରାଜ୍ୟ ଉପଦେଷ୍ଟା ମୀରା ପରିଡ଼ା, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, କାର୍ତ୍ତିକ ଖେମୁଣ୍ଡୁ, ଜିଲ୍ଲା ବିଜେଡି ସମ୍ପାଦକ ସୁରେଶ ପଟ୍ଟନାୟକ, ସେକ୍ ବାଜି, ସଭାନେତ୍ରୀ ପାର୍ବତୀ ମସ୍ତି, ଜୋନାଲ ମହିଳା ସଭାନେତ୍ରୀ ଲତା ରାୟ, ନନ୍ଦପୁର ବ୍ଲକ ମହିଳା ସଭାନେତ୍ରୀ କୁନି ପାଲି, ମହିଳା ନେତ୍ରୀ କୌଶଲ୍ୟା ହିକକା, ପୂର୍ଣ୍ଣିମା ଜାନି, ମହିଳା ସଂଗଠନ ସମ୍ପାଦିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ଜିଲ୍ଲା ପରିଷଦ ସଭ୍ୟ ଅଭିଳାଷୀ ନାୟକ, ନନ୍ଦପୁର ବ୍ଲକ ଏସଡିସି ସଦସ୍ୟା ଉର୍ମିଳା ମୁଦୁଲି, ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ଯୁବ ନେତା କୃଷ୍ଣ ଗୁଣ୍ଟା, ଅମର ହନ୍ତାଳ, ଆଦିବାସୀ ନେତା ବିଶ୍ୱନାଥ ସୀସାଙ୍କ ସମେତ ବହୁ ବିଜେଡି ଯୁବ ଓ ବରିଷ୍ଠ ନେତା ଯୋଗ ଦେଇଥିବାବେଳେ କୋରାପୁଟ ପିଆଇଟିଡିଏ ସୌମ୍ୟ ସାର୍ଥକ ମିଶ୍ର, ନନ୍ଦପୁର ବ୍ଲକ୍ ବିଡିଓ ଦୁର୍ଗା ପ୍ରସାଦ ଦୋରା,ଏଇଇ ଝସକେତନ ବେହେରା, ଜିପିଓ ବେଦାନ୍ତ କୁମାର ମାଝୀ, ସିଡିପିଓ ମିନତିବାଳା ପଟ୍ଟନାୟକ, ବିପିସି ଶ୍ରୀଧର ଜାନି, ଓଡ଼ିଶା ଜୀବିକା ମିଶନ ବିପିଏମ୍ ବିଚିତ୍ର କୁମାର ରାଉତ, ବିଏଲ୍‌ସି ବିକ୍ରମ କେଶରୀ ବାରିକ ପ୍ରମୁଖ ଯୋଗ ଦେଇଥିବାବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ନନ୍ଦପୁର ଥାନା ଆଇଆଇସି ଆଶ୍ରିତା ଖାଲକୋ, ଏସଆଇ ବେଦବର ସାହୁଙ୍କ ସମେତ ନିଜେ ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ଉପସ୍ଥିତ ରହି ସ୍ଥିତି ପରିଚାଳନା କରିଥିଲେ।



## 'ବିଏସ୍‌କେୱାଇ-ନବୀନ କାର୍ଡ' ସଚେତନତା ରଥ ଶୁଭାରମ୍ଭ

**ରାମନାଗୁଡ଼ା,୭।୧(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ 'ବିଏସକେଓ୍ବାଇ-ନବୀନ କାର୍ଡ' ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ରର ଡ. ପ୍ରଣତି ମହାପାତ୍ର ଏହାକୁ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିବାବେଳେ ଏଥିରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଘମିତ୍ରା ମହାପାତ୍ର, ସୁପରଭାଇଜର ହରିହର ହଲବା, ସନ୍ଧ୍ୟାରାଣୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ୫ଦିନ ଧରି ୧୨ଟି ପଞ୍ଚାୟତର ସମସ୍ତ ଗାଁ ଗାଁ ବୁଲି ବିଏସକେଓ୍ବାଇ-ନବୀନ କାର୍ଡ ସମ୍ବନ୍ଧରେ ସଚେତନତା କରିବା ସହ ଲୋକଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇବ। ଏଥିରେ ଆଶାକର୍ମୀଙ୍କ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ମାଲକାନଗିରି:** ମାଲକାନଗିରି ଜିଲ୍ଲାପାଳ ବିଶାଳ ସିଂଙ୍କ ଉପସ୍ଥିତିରେ 'ବିଏସକେୱାଇ-ନବୀନ କାର୍ଡ' ପ୍ରଚାର ରଥକୁ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭ ଉଦଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦ, ଡିପିଏମ ସସ୍ମିତା ସାହୁ, ଆଇସିଏ ଶିବପ୍ରସାଦ ପ୍ରହରାଜ, ଶ୍ୟାମସୁନ୍ଦର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲାର ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତକୁ ପରିକ୍ରମା କରି 'ବିଏସକେୱାଇ-ନବୀନ କାର୍ଡ' ସମ୍ପର୍କରେ ପ୍ରଚାରପ୍ରସାର କରି ଜନସଚେତନତା କରିବା ସହିତ ଏହାର ଜନକଲ୍ୟାଣ ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ଅବଗତ କରାଇବ। ନବୀନ ସ୍ୱାସ୍ଥ୍ୟ କାର୍ଡ ସରକାରୀ କର୍ମଚାରୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏବଂ କର ପ୍ରଦାନକାରୀଙ୍କୁ ବାଦ୍ ଦେଲେ ଏହାର ଫାଇଦା ସମସ୍ତ ଜନତା ନେଇପାରିବେ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ। ଏହି ଯୋଜନାରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଗ୍ୟ ବିବେଚିତ ବ୍ୟକ୍ତିବିଶେଷଙ୍କ ନାମ ପଞ୍ଜୀକରଣ ପାଇଁ ଆହ୍ୱାନ କରାଯାଇଛି।



